ବର୍ଷ-୨୬, ସଂଖ୍ୟା-୨୬୫
ଭୁବନେଶ୍ୱର
ଅକ୍ଟୋବର, ୦୨, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 265
Bhubaneswar
October, 02, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଚୂଡ଼ାନ୍ତ ପର୍ଯ୍ୟାୟରେ ମହାନଦୀ ଜଳ ବିବାଦ ସମାଧାନ

ନୂଆଦିଲ୍ଲୀ,୧।୧୦(ମହାଭାରତ): ଦୀର୍ଘ ବର୍ଷର ମହାନଦୀ ଜଳବିବାଦ ଏବେ ସମାଧାନର ଅନ୍ତିମ ପର୍ଯ୍ୟାୟରେ ପହଂଚିଛି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଖୁବଶୀଘ୍ର ବିବାଦର ଏକ ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ, ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀ ଓ ଜଳଶକ୍ତି ମନ୍ତ୍ରଣାଳୟର ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ବୈଠକ ସକାରାତ୍ମକ ଭାବେ ଶେଷ ହୋଇଥିବା ଜଣାପଡିଛି।



ଏହି ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଉଭୟ ଓଡିଶା ଓ ଛତିଶଗଡରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ବେଶ୍ ତ୍ୱରାନ୍ୱିତ ହୋଇଛି । କେବଳ ଆଇନଗତ ଲଢ଼େଇ ନୁହେଁ, ପ୍ରଶାସନିକ ତଥା ରାଜନୈତିକସ୍ତରରେ ମଧ୍ୟ ବ୍ୟାପକ ସମାଧାନର ରାସ୍ତା ଖୋଜାଯାଉଛି। ୨୦୨୫ ଜୁଲାଇ ଓ ଅଗଷ୍ଟ ମାସରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରାରମ୍ଭିକ ଆଲୋଚନା ପରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବସ୍ତରରେ ମଧ୍ୟ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ଜଳ ଆୟୋଗ(ସିଡବ୍ଲ୍ୟୁସି) ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ବାହାର କରିବା ଉପରେ ଉଭୟ ରାଜ୍ୟ ପୂର୍ବରୁ ସହମତି ପ୍ରକାଶ କରିସାରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ମଧ୍ୟ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା ଓ କୋଟି କୋଟି ଲୋକଙ୍କ ଜୀବନଜୀବିକା ଏହା ଉପରେ ନିର୍ଭରଶୀଳ। ଆଜିର ଏହି ବୈଠକରେ ଓଡିଶାର ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳବିଦ୍ୟୁତ ଉତ୍ପାଦନ ଓ ପାନୀୟ ଜଳ ଯୋଗାଣ ଭଳି ପ୍ରମୁଖ ସ୍ୱାର୍ଥ ସମ୍ବଳିତ ଦାବିଗୁଡିକୁ ଦୃ ?ତାର ସହ ଉପସ୍ଥାପନ କରାଯାଇଛି।

ତିନି ମାସ ମଧ୍ୟରେ ସମାଧାନର ବାଟ ଖୋଜିବା ପାଇଁ ଜୁଲାଇ ମାସରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଗତ ଦୁଇ ମାସରେ ସମସ୍ତ ଆବଶ୍ୟକୀୟ ତଥ୍ୟ, ପ୍ରସ୍ତାବ ଓ ଦସ୍ତାବିଜ ସିଡବ୍ଲ୍ୟୁସିଙ୍କ ନିକଟରେ ଦାଖଲ କରାଯାଇଛି, ଯାହାଫଳରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତିର ମାର୍ଗ ପରିଷ୍କାର ହୋଇଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିଜେ ଏହି ସମସ୍ୟାର ଦାୟିତ୍ୱ ନେଇ ସମାଧାନର ବାଟ ବାହାର କରିବାକୁ ଉଦ୍ୟମ ଜାରି ରଖିଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃତଜ୍ଞତା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଦେଶ ଓ ରାଜ୍ୟର ବିକାଶ ଆଗକୁ ବଢୁଥିବାବେଳେ ଏହିଭଳି ଦୀର୍ଘସ୍ଥାୟୀ ଆନ୍ତଃରାଜ୍ୟ ବିବାଦର ସମାଧାନ ସମ୍ଭବ ହୋଇପାରିଛି। ଏହି ପଦକ୍ଷେପ ଆଗାମୀ ଦିନରେ ଦେଶର ଅନ୍ୟାନ୍ୟ ରାଜ୍ୟଗୁଡିକ ପାଇଁ ଏକ ଆଦର୍ଶ ମଡେଲ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ବ୍ୟକ୍ତ କରିବା ସହ ଖୁବଶୀଘ୍ର ଉଭୟ ରାଜ୍ୟର ସ୍ୱାର୍ଥକୁ ସୁହାଇଲା ଭଳି ନ୍ୟାୟସଙ୍ଗତ ଫଳାଫଳ ଆସିବ ବୋଲି କହିଛନ୍ତି । ଏହି ଅବସରରେ ମୁଖ୍ୟ ସଚିବ ଅନୁ ଗର୍ଗ ମଧ୍ୟ ଉପସ୍ଥିତ ଥିଲେ।

## ବେଦାନ୍ତକୁ 'ହାଇକୋର୍ଟ' ଝଟକା

କଟକ,୧।୧୦(ମହାଭାରତ): ଓଡିଶା ସରକାରଙ୍କଠୁ ୨୦୦୪ ମସିହାର ପୁରୁଣା ଚୁକ୍ତି ମୁତାବକ ଶସ୍ତା ଦରରେ ବକ୍ସାଇଟ୍ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଦାନ୍ତ ଆଲୁମିନିୟମକୁ ଆଜି ଶକ୍ତ ଝଟକା ଲାଗିଛି। ବେଦାନ୍ତ କରିଥିବା ଆବେଦନରେ କୌଣସି ଯଥାର୍ଥତା ନଥିବା ଦର୍ଶାଇ ମାମଲାକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ଏହାସହ ପୂର୍ବରୁ ଏହି ମାମଲାରେ ଜାରି ହୋଇଥିବା ସମସ୍ତ ଅନ୍ତରୀଣ ନିର୍ଦ୍ଦେଶକୁ ମଧ୍ୟ କୋର୍ଟ ପ୍ରତ୍ୟାହାର କରିନେଇଛନ୍ତି।

ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ଦ୍ୱାରା ଦାଏର ରିଟ୍ ପିଟିସନର ବିଚାର କରି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୪ ମସିହା ଅକ୍ଟୋବର ୫ ତାରିଖରେ ରାଜ୍ୟ ସରକାର ଓ ଓଡିଶା ଖଣି ନିଗମ (ଓଏମସି) ସହ ହୋଇଥିବା ଚୁକ୍ତି ଅନୁସାରେ ୧୫୦ ନିୟୁତ ଟନ୍ ବକ୍ସାଇଟ୍ ପୁରୁଣା ମୂଲ୍ୟରେ (ଉତ୍ତୋଳନ ଖର୍ଚ୍ଚ ଓ ୫୦ ପ୍ରତିଶତ ରୟାଲଟି) ଯୋଗାଇ ଦେବା ଦାବିରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଦାନ୍ତ। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଉପରେ ଆଧାର କରି କମ୍ପାନୀ ରାଜ୍ୟରେ ଆଲୁମିନା ରିଫାଇନାରୀ ପ୍ରତିଷ୍ଠା ନିମନ୍ତେ ବଡଧରଣର ପୁଞ୍ଜିନିବେଶ କରିଥିଲା ଓ କଂଚାମାଲ ନମିଳିବାରୁ ସେମାନଙ୍କର ବିପୁଳ କ୍ଷତି ହୋଇଛି ବୋଲି ବେଦାନ୍ତ ପକ୍ଷରୁ କୋର୍ଟରେ ଯୁକ୍ତି ଦିଆଯାଇଥିଲା।

ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ଦାବିକୁ ଦୃ ? ବିରୋଧ କରି ଯୁକ୍ତି ବା ?ଥିଲେ ଯେ, ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ଏମଏମଡିଆର ଆକ୍ଟ ସଂଶୋଧନ ହେବାପରେ ଓଡିଶା ସରକାରଙ୍କ ସହ ପୂର୍ବରୁ ହୋଇଥିବା ଯୌଥ ଉଦ୍ୟୋଗ ଚୁକ୍ତି ଆପୋଷ ବୁଝାମଣାରେ ରଦ୍ଦ ହୋଇସାରିଥିଲା। ଏହାପରେ ବେଦାନ୍ତ ନିଜେ ରାଜ୍ୟ ସରକାରଙ୍କ ଦୀର୍ଘମିଆଦି ଯୋଗାଣ ବା ଲଙ୍ଗ ଟର୍ମ ଲିଙ୍କ ?ଜ୍ ନୀତି(ଏଲଟିଏଲ)କୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲା ଓ ଏବେମଧ୍ୟ ୨୦୨୩ରୁ ୨୦୨୮ ମସିହା ପର୍ଯ୍ୟନ୍ତ ବୈଧ ଥିବା ଏଲଟିଏଲ୍ ଚୁକ୍ତିନାମା ଅନୁସାରେ କମ୍ପାନୀକୁ ନିୟମିତ ବକ୍ସାଇଟ୍ ଯୋଗାଣ ଚାଲିଛି।

## କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଘୋଷଣା କଲେ ସରକାର

ଭୁବନେଶ୍ୱର ୧।୧୦(ମହାଭାରତ): ଦୀର୍ଘ ଦିନର ଦାବି ହେଲା ପୂରଣ। କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ପାଇଁ ରାଜ୍ୟ ସରକାର ବଡ଼ ଘୋଷଣା କରିଛନ୍ତି । ୨୦୨୩-୨୪ ଶିକ୍ଷାବର୍ଷରେ ନିଯୋଜିତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ ଘୋଷଣା କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଯୋଗ୍ୟ କନିଷ୍ଠ ଶିକ୍ଷକମାନଙ୍କୁ ଏଲିମେଣ୍ଟାରୀ କ୍ୟାଡରର ଖରଙ୍ଗରକ୍ଷ-୦(ଇ)ରେ ସହକାରୀ ଶିକ୍ଷକ ଭାବେ ନିୟମିତ ଘୋଷଣା କରାଯାଇଛି। ଏହି ରେଗୁଲାର ଘୋଷଣା ଫଳରେ ଶିକ୍ଷକମାନେ ୨୦୨୬ ଜାନୁଆରୀ ୧ ତାରିଖରୁ ପିଛିଲା ଭାବେ ନିୟମିତ ଦରମା ପାଇବେ। ଦୀର୍ଘଦିନ ଧରି କନିଷ୍ଠ ଶିକ୍ଷକଙ୍କ ନିୟମିତ ହେବା ନେଇ ଦାବି ହୋଇ ଆସୁଥିଲା । ସରକାରଙ୍କ ଏହି ଘୋଷଣା ପରେ ସେମାନଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ତେବେ ଗ୍ରେଡ଼ଲାରର ଅନ୍ୟାନ୍ୟ ସର୍ତ୍ତ, ଯୋଗ୍ୟତା ଓ ଆର୍ଥିକ ସୁବିଧା ସମ୍ପର୍କିତ ବିସ୍ତୃତ ତଥ୍ୟ ବିଭାଗୀୟ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସରକାରୀ ନିଷ୍ପତ୍ତି ଅନୁଯାୟୀ ଆଗାମୀ ପ୍ରକ୍ରିୟା ଶିକ୍ଷା ବିଭାଗ ପକ୍ଷରୁ କରାଯିବ ବୋଲି ଜଣାପଡିଛି ।

## ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୧୦(ମହାଭାରତ): ପାର୍ବଣ ଋତୁ ପୂର୍ବରୁ ମହଙ୍ଗା ମାଡ । ବଢ଼ିଲା କମର୍ସିଆଲ ଗ୍ୟାସ ଦର। ଅକ୍ଟୋବର ମାସ ୦୧ ତାରିଖ ୨୦୨୬ ଠାରୁ ଲାଗୁ ହୋଇଥିବା ନୂଆ ଦରରେ ବାଣିଜ୍ୟିକ ସିଲିଣ୍ଡର କ୍ଷେତ୍ରରେ ସବୁ ସାଇଜରେ ଦର ବୃଦ୍ଧି ହୋଇଛି । ସବୁଠାରୁ ଅଧିକ ବ୍ୟବହୃତ ୧୯ କେଜି ସିଲିଣ୍ଡର ସେପ୍ଟେମ୍ବରରେ ୨୯୧୯ ଟଙ୍କା ଥିବା ବେଳେ ଅକ୍ଟୋବରରେ ୨୯୮୮ ଟଙ୍କା ହୋଇଛି । ଅର୍ଥାତ୍ ୬୯ ଟଙ୍କା ବୃଦ୍ଧି ହୋଇଛି । ସେହିପରି ୫ କେଜି ବାଣିଜ୍ୟିକ ସିଲିଣ୍ଡର ୮୦୯.୫୦ ରୁ ୮୨୬.୫୦ ଟଙ୍କାକୁ ୧୭ ଟଙ୍କା, ୩୫ କେଜି ସିଲିଣ୍ଡର ୫୩୭୭.୫୦ ରୁ ୫୫୦୫.୫୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ୧୨୮ ଟଙ୍କା ଓ ୪୭.୫ କେଜି ସିଲିଣ୍ଡର ୭୨୯୩.୫୦ ରୁ ୭୪୬୫.୫୦ ଟଙ୍କାକୁ ୧୭୨ ଟଙ୍କା ବଢିଛି । ଘରୋଇ ସିଲିଣ୍ଡର ଦର ସମ୍ପୂର୍ଣ୍ଣ ଅପରିବର୍ତ୍ତିତ ରହିଛି। ୫ କେଜିଘରୋଇ ସିଲିଣ୍ଡର ୩୫୯.୫୦ ଟଙ୍କା ଓ ୧୪.୨ କେଜି ଘରୋଇ ସିଲିଣ୍ଡର ୯୬୮ ଟଙ୍କାରେ ସେପ୍ଟେମ୍ବର ମାସ ଭଳି ରହିଛି ଯାହା ସାଧାରଣ ରୋଷେଇ ଘର ପାଇଁ ଆଶ୍ୱସ୍ତି ରହିବ।

## ଆଜିଠୁ ସିଜେପିର ଆନ୍ଦୋଳନ

ନୂଆଦିଲ୍ଲୀ,୧।୧୦(ନି.ପ୍ର.): ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। କଂଗ୍ରେସ ପରେ ଏବେ କକ୍ରୋଚ ଜନତା ପାର୍ଟି (ସିଜେପି)ତାଙ୍କ ଇସ୍ତଫା ଦାବିକୁ ଜୋରଦାର କରିଛି ।ଏସ୍ଆଇଆର ଅନିୟମିତତା ଓ ନିର୍ବାଚନ କମିଶନରେ ମତଭେଦ ରିପୋର୍ଟ ପରେ ସିଜେପି ପକ୍ଷରୁ ସିଧାସଳଖ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରାଯାଇଛି। ତାଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ଅର୍ଥାତ ଅକ୍ଟୋବର ୨ରୁ ସିଜେପି ତା'ର ଦେଶବ୍ୟାପି ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ କରିବ ।ମୁମ୍ବାଇରେ ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଥିବା ଆନ୍ଦୋଳନ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ଯାଏ ଚାଲିବ ବୋଲି ଆଜି ଘୋଷଣା କରିଛନ୍ତି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ। ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିଶନର ପଦରୁ ଇସ୍ତଫା ଦେବା ସହ ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଉ।

## ଭୁବନେଶ୍ୱରକୁ ଏକ ନମ୍ବର ସ୍ୱଚ୍ଛ ସହର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧।୧୦(ମହାଭାରତ): ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ଜବଭଳସଭଶ ରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ ।ଆଜି ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି ।



ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ୍ୟ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ମାତ୍ର ୨୦୧୪ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ ।ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହାସହ ଦେଶର ୫୦ଟି 'ମଡେଲ ସାନିଟେସନ ସିଟି' ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକବାବୁ ସିଂ, ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ବିଧାୟକପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ, ବିଏମସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀ ସମେତ ସଫେଇ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।





### ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0103 15001/103/2627





### ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ । ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



### ଖବର

## ସକାଳ ଜଳଖିଆ ଖାଉନାହାଁନ୍ତି କି ତେବେ ହୋଇଯାଆନ୍ତୁ ସାବଧାନ

ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡାଇ ଯାଆନ୍ତି । କିନ୍ତୁ ଜଣାଇବାକୁ ଚାହିଁବୁ ଯେ ଜଳଖିଆ ହେଉଛି ଆମ ଖାଦ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଜନ । ଅନ୍ୟପଟେ, ଯଦି ଆପଣ ସକାଳେ ଜଳଖିଆ ନକରନ୍ତି, ତେବେ ଆପଣଙ୍କର ଗୁରୁତର ସମସ୍ୟା ହୋଇପାରେ । ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡ଼ାଇ ଦିଅନ୍ତି । । ଜଳଖିଆ ନଖାଇବା ଦ୍ୱାରା ଆପଣଙ୍କ ହୃତପିଣ୍ଡ ଭଲ ଭାବରେ କାମ କରେ ନାହିଁ । ଯେଉଁଥିପାଇଁ ଆପଣଙ୍କ ହୃଦୟ ସହିତ ଜଡିତ ସମସ୍ୟା ମଧ୍ୟ ହୋଇପାରେ । ତେବେ ଆସନ୍ତୁ ଜାଣିବା ଜଳଖିଆ ସ୍କିପ୍ କଲେ ଏହା ଆପଣଙ୍କ



ଶରୀର ଉପରେ କଣ ପ୍ରଭାବ ପକାଇବ ।

ଓଜନ ବୃଦ୍ଧି:
ଯଦି ଆପଣ ଜଳଖିଆ ଖାଉ ନାହାନ୍ତି, ତେବେ ଆପଣ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନରେ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ଆପଣ ଅଧିକ ପରିପୂର୍ଣ୍ଣ ଚର୍ବି, କ୍ୟାଲୋରୀ ଏବଂ ମିଠା ଜାତୀୟ ଖାଦ୍ୟ ଖାଇବା ଆରମ୍ଭ କରନ୍ତି । ଯେଉଁ କାରଣରୁ ଆପଣଙ୍କ ଓଜନ ଦ୍ରୁତ ଗତିରେ ବଢିବା ଆରମ୍ଭ କରେ ।

ମଧୁମେହ:
ଯଦି ଆପଣ ଜଳଖିଆକୁ ଅଣଦେଖା କରନ୍ତି, ତେବେ ଏହା ମଧୁମେହ ହେବାର ସମ୍ଭାବନା ବଢାଇଥାଏ । କାର୍ଯ୍ୟରତ ଲୋକ ମାନଙ୍କ ସହିତ ଏହି ସମସ୍ୟା ଅଧିକ ହୋଇଥାଏ ।

ଇମ୍ୟୁନିଟୀ:
ମାନସିକ ସ୍ତରରେ, ଯଦି ଆପଣ ସକାଳେ ଜଳଖିଆ ନ କରନ୍ତି, ତେବେ ଆପଣ ଦିନସାରା କ୍ଲାନ୍ତ ଅନୁଭବ କରିବେ ଏବଂ ଆପଣଙ୍କ ମନୋବଳ ମଧ୍ୟ ଠିକ ରହିବ ନାହିଁ ।

ହୃଦୟ ସମସ୍ୟା:
ଯେଉଁ ଲୋକମାନେ ସକାଳେ ଜଳଖିଆ କରନ୍ତି ନାହିଁ, ସେମାନଙ୍କର ରକ୍ତଚାପ ସାଧାରଣ ଅପେକ୍ଷା ଅଧିକ ରହିବାକୁ ଲାଗେ, ଯାହା ଧମନୀ ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ । ସେଥିପାଇଁ ଭୁଲ୍ରେ ମଧ୍ୟ ଜଳଖିଆ ସ୍କିପ କରିବା ଉଚିତ୍ ନୁହେଁ ।

କ୍ୟାନସର ହେବାର ଆଶଙ୍କା:
ଯଦି ଆପଣ ଜଳଖିଆ ସହିତ ଦିନ ଆରମ୍ଭ ନକରନ୍ତି, ତେବେ ଆପଣଙ୍କୁ ଅନେକ ଗମ୍ଭୀର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏହାର ଅର୍ଥ ଆପଣ ମଧ୍ୟ କ୍ୟାନସର ରୋଗର ଶିକାର ହୋଇପାରନ୍ତି । ସେଥିପାଇଁ ଜଳଖିଆକୁ କେବେବି ସ୍କିପ କରିବା ଉଚିତ୍ ନୁହେଁ ।

ଅଧକପାଳୀ:
ଯେତେବେଳେ ଆପଣ ଜଳଖିଆ ନ ଖାଆନ୍ତି, ସେହି ସମୟରେ ଆପଣଙ୍କ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଏହା ଉଚ୍ଚ ରକ୍ତଚାପ ଏବଂ ମୁଣ୍ଡବିନ୍ଧା ବା ଅଧକପାଳୀର କାରଣ ହୋଇପାରେ । ତେଣୁ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।

## ମୋହିନୀ ସ୍ୱରୂପ

ଶ୍ରୀହରି ମୋହିନୀ ଅବତାର ଧାରଣ କରିଥିଲେ। ସମୁଦ୍ର ମନ୍ଥନ ସମୟରେ ଅମୃତ ବାହାରିଲା। ଏହି ସମୟରେ ଭଗବାନ ବିଷ୍ଣୁ ମୋହିନୀ ଅବତାର ଧାରଣ କରିଥିଲେ ଏବଂ ସେ ଦେବତାଙ୍କୁ ଅମୃତ ବିତରଣ କରିଥିଲେ। ମୋହିନୀ ଅବତାର ନେଇନଥିଲେ ଅସୁରମାନେ ଅମୃତ ଛଡ଼ାଇ ନେଇ ପିଇ ଦେଇଥାନ୍ତେ। ମୋହିନୀ ଅବତାରରେ ଶ୍ରୀହରି ଦେବତାମାନଙ୍କୁ ଅମୃତ ଦେବା ସହିତ ଅସୁରମାନଙ୍କୁ ସାଧାରଣ ପାନୀୟ ପିଆଇ ଦେଇଥିଲେ । ପୌରାଣିକ ମତାନୁଯାୟୀ, ଭଗବାନ ବିଷ୍ଣୁ ମୋହିନୀ ରୂପକୁ ହିଁ ଭଗବାନ ଅୟପ୍ପାଙ୍କ ମାତା ବୋଲି ଗ୍ରହଣ କରାଯାଇଥାଏ । ଶ୍ରୀହରିଙ୍କ ମୋହିନୀ ରୂପ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସେ ଏହି ରୂପ ଲୋକକଲ୍ୟାଣ ଉଦ୍ଦେଶ୍ୟରେ ଧାରଣ କରିଥିଲେ। ଏହି ରୂପରେ



ଶ୍ରୀହରି ଅତ୍ୟନ୍ତ ସୁନ୍ଦର ଯୁବା ମହିଳା ରୂପରେ ପ୍ରକଟ ହୋଇଥିଲେ । ଅଗ୍ନି ପୁରାଣରେ ଉଲ୍ଲେଖ ରହିଛି ଯେ ଅମୃତ ବଣ୍ଟନ ନିମନ୍ତେ ଶ୍ରୀହରି ଅର୍ଥାତ୍ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। ତାଙ୍କର ଏହି ରୂପ ପ୍ରତି ଆକର୍ଷିତ ହୋଇପଡ଼ିଥିଲେ ଭଗବାନ ଶିବ । ଶିବ ଯେଉଁ ସ୍ଥାନରେ ସ୍ଖଳିତ ହୋଇପଡ଼ିଥିଲେ ତାହା ଏବେ ଗଙ୍ଗୋତ୍ରୀ ନାମରେ ପ୍ରସିଦ୍ଧ। ଶିବଙ୍କ ସେହି ତତ୍ତ୍ୱ ଏବେ ଅମୂଲ୍ୟ ପାରଦ ରୂପ ଧାରଣ କରିଛି । ଗଙ୍ଗା ଜଳରେ ପାରଦର ଅଂଶ ରହିଛି । ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ ପାରଦ ହିଁ ସମ୍ପୂର୍ଣ୍ଣ ସୃଷ୍ଟି ଏବଂ ଜୀବଜଗତର ମୂଳଆଧାର ।

## କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି। ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ



ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।



## ନିମିଙ୍କ ଶରୀର ମନ୍ଥନରୁ ଜନକଙ୍କ ଜନ୍ମ



ରାଜା ନିମି ଓ ମହର୍ଷି ବଶିଷ୍ଠ ଉଭୟେ ଉଭୟଙ୍କୁ ଅଭିଶାପ ଦେବା ପରେ ଏଥିରୁ ମୁକ୍ତି ପାଇବା ପାଇଁ ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା କହିଲେ, ବତ୍ସ ! ତୁ ବ୍ରହ୍ମଜ୍ଞାନୀ ଓ ମୋର ମାନସପୁତ୍ର ହୋଇ କ୍ରୋଧରେ ଅଜ୍ଞାନ ହୋଇ ନିର୍ଦ୍ଦୋଷ ରାଜାଙ୍କୁ ଅଭିଶପ୍ତ କଲୁ । ତୁ ବ୍ରାହ୍ମଣ ହୋଇ ନିଜର ହିତାହିତ ବିଚାରକୁ ପାସୋରି ଦେଲୁ। ତୁ ଲୋଭାସକ୍ତ ହୋଇ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାକୁ ଗଲୁ । ନିମି କେତେ ବ୍ରହ୍ମଋଷିଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ କ'ଣ ତୋତେ ଅପେକ୍ଷା କରିଥାନ୍ତେ ? ତୁ ଯେପରି କର୍ମ କରିଛୁ ସେହିପରି ଫଳପ୍ରାପ୍ତି ହେଲୁ । ଏବେ ମୋର ଆଜ୍ଞା ମାନି ମିତ୍ର ବରୁଣଙ୍କପୁରକୁ ଯାଇ ତାଙ୍କ କୁମ୍ଭରେ ବୁଡ଼ିକରି ଆସିବୁ । ତାହା ହେଲେ, ତୋ ବ୍ରହ୍ମଜ୍ଞାନ ତୋ ନିକଟକୁ ଫେରି ଆସିବ । କିନ୍ତୁ ନିମିଙ୍କ ଶାପରୁ ତୁ ସର୍ବଦା ସୂର୍ଯ୍ୟବଂଶର କୁଳଗୁରୁ ହୋଇ ରହିବୁ । ସେହି ବଂଶର ଯାହା କାର୍ଯ୍ୟ ହେବ ଶେଷ କରି ସାରିଲେ ଅନ୍ୟତ୍ର ଯିବୁ । ତା ନ କଲେ ମୋ ପାଖକୁ ଆଉ ଆସିବୁ ନାହିଁ । ବଶିଷ୍ଠ ନିଜ ପିତାଙ୍କ ଆଜ୍ଞାକୁ ମାନି ନେଲେ ଓ ତାଙ୍କ ବ୍ରହ୍ମଜ୍ଞାନ ଚେତନା ପୁନଶ୍ଚ ଫେରି ପାଇଲେ । ନିମି ରାଜା ବଶିଷ୍ଠଙ୍କ ଅଭିଶାପରେ ସର୍ବଦା ଚେତନାହୀନ ହୋଇ ଶୟନ କରି ରହିଲେ । ଏହା ଦେଖି ସମସ୍ତ ବ୍ରହ୍ମର୍ଷି ଦୁଃଖିତ ହୋଇ ନିମିଙ୍କର ଚେତନାହୀନ ଶରୀରକୁ ନେଇ ଯଜ୍ଞ ଶେଷ କଲେ । ସେହି ବ୍ରହ୍ମର୍ଷିମାନେ ନିଜେ ନିଜର କିଛି କିଛି ତପଃ ବଳ ଦେଇ କହିଲେ, ନିମିଙ୍କର ମଙ୍ଗଳ ହେଉ । ସର୍ବରଷିଙ୍କ ତପଃ ପ୍ରଭାବରେ ନିମିଙ୍କ ଉପରେ ସ୍ୱର୍ଗପୁରର ଅମରଗଣ ସନ୍ତୁଷ୍ଟ ହୋଇ ନିମିଙ୍କ ଚେତନାକୁ ଜାଗ୍ରତ କଲେ । ଦେବଗଣ କହିଲେ ହେ ରାଜା ! ତୁମ୍ଭେ ଯାହା ମାଗିବ ଆମ୍ଭେମାନେ ତାହା ଦେବୁ । କିନ୍ତୁ ନିମିଙ୍କ ଚେତନା ଜାଗ୍ରତ ହୋଇ କହିଲେ ହେ ଦେବଗଣ ! ଯେବେ ଯାଚିକରି ବରଦାନ କରୁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ, ଯେପରି ଏହି ଜଗତର ସମସ୍ତ ପ୍ରାଣୀଙ୍କ ନେତ୍ରରେ ମୁଁ ବାସ କରିପାରିବି ଏବଂ ସର୍ବଦା ବାୟୁ ରୂପରେ ମୁଁ ବନ୍ଦ ହେଉଥିବି ଓ ଖୋଲୁଥିବି । ତା'ର ନାମ ହେବ (ଆଖିର ପଲକ ପଡ଼ିବା କିମ୍ବା ପିଛୁଳା ପଡ଼ିବା) ଆଖିର ପଲକ । ଦେବତାମାନେ ତଥାସ୍ତୁ କହି ଅନ୍ତର ହେଲେ । ସେହିଦିନରୁ ନିମିଙ୍କ ଚେତନା ସର୍ବଜନଙ୍କ ନେତ୍ରରେ ପିଛୁଳା ହୋଇ ବସିଲେ । ଯେଉଁ ଧର୍ମକାର୍ଯ୍ୟ ଜୀବମାନଙ୍କ ନେତ୍ର ସେହିଦିନୁ ଦେଖୁଛି । ନିମି ତାହା ପ୍ରାପ୍ତ ହେଉଛନ୍ତି । ନିମି ଏହି ଗତି ଲାଭ କଲା ପରେ ଋଷିମାନେ ତାଙ୍କ ପିଣ୍ଡକୁ ଆଣି ବେଦମନ୍ତ୍ରରେ ପୁତଃକରି ଯଜ୍ଞକୁଣ୍ଡରେ ଭର୍ତ୍ତି କଲେ ଓ ମନ୍ତ୍ରପାଠ କରି ମନ୍ଥନ କଲେ । ସେହିପରି ମନ୍ଥନ କରିବା ଦ୍ୱାରା ସେଥିରୁ ଏକ ଜ୍ୟୋତିର୍ମୟ ପୁରୁଷ ବାହାର ହେଲେ। ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଦେଖି ଋଷିଗଣ କହିଲେ, ନିମିଙ୍କ ଶରୀର ମନ୍ଥନ କରିବାକୁ ଏହି ପୁରୁଷଜାତ ହୋଇଛନ୍ତି । ଇଏ ନିମିଙ୍କ ସିନ୍ତାନ ରୂପେ ଚିହ୍ନିତ ହେବେ। ଏହି ଦିବ୍ୟପୁରୁଷ ଅଯୋନି ସମ୍ଭୁତ ଅଟନ୍ତି। ତେଣୁ ଏହାଙ୍କ ନାମ ମିଥିଳା ଜନକ ହେଉଛି। ନିମିଙ୍କ ଶରୀର ମନ୍ଥନ ହେତୁ ନାମ ମିଥିଳା ଜନକ ହେଲା । ଅନ୍ୟ କେତେକ ଋଷି କହିଲେ ନିମିଙ୍କ ଶରୀର ମଧ୍ୟରେ ପ୍ରାଣ ନ ଥିଲା । ନିମି ବିଦେହ ଅଟନ୍ତି । ତେଣୁ ଏହି ବୈଜୟନ୍ତୀ ପୁରକୁ ବିଦେହ ନଗର ନାମରେ ନାମିତ କରାଯାଉ । ଋଷିମାନେ ତାଙ୍କୁ କଲ୍ୟାଣ କଲେ । ସେହି ଦିବ୍ୟପୁରୁଷ ଅଯୋନି ହେତୁ ଋଷିମାନେ ତାଙ୍କୁ କଲ୍ୟାଣ କଲେ, ତୁମ୍ଭେ ସକଳ ଶାସ୍ତ୍ର ପୁରାଣରେ ପଣ୍ଡିତ ହୁଅ । ତୁମ୍ଭର ଯଶଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଯାଉ। ଋଷିମାନେ ମିଥିଳା ଜନକଙ୍କୁ ନିମିଙ୍କ ପୁତ୍ର ରୂପରେ ନାମିତ କରାଇ ବିଦେହ ରାଜ୍ୟରେ ରାଜା ରୂପରେ ଅଭିଷିକ୍ତ କରାଇଲେ । ଯେଉଁ ସ୍ଥାନରେ ନିମି ଶରୀର ମନ୍ଥନ କରିଥିଲେ, ସେହି ସ୍ଥାନକୁ ମିଥିଳା ନାମରେ ନାମିତ କରି ତାହାକୁ ବିଦେହର ରାଜଧାନୀ କରି ଋଷିମାନେ ଜନକଙ୍କୁ ଆଶୀର୍ବାଦ ଦେଇ ବିଦାୟ ନେଲେ।

## ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା



ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।

ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଲାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ଉପରକୁ ଉଠି କାମ କର

**ଭୁବନେଶ୍ୱର,୧।୧୦ (ମହାଭାରତ):** ଲୋକଙ୍କ ସେବା କରିବା ପାଇଁ ଜନସାଧାରଣ ଆମକୁ ଦାୟିତ୍ୱ ଦେଇଛନ୍ତି । ଯେଉଁମାନେ ଆମ ବିଚାରଧାରାକୁ ପ୍ରଶ୍ନ କରୁଥିଲେ, ଜନସାଧାରଣ ସେମାନଙ୍କୁ ସମୁଚିତ୍ ଜବାବ ଦେଇସାରିଛନ୍ତି । ରାଜନୀତିରେ ସମସ୍ତଙ୍କୁ ଏକାଠି ନେଇ ଚାଲିବା ଏବଂ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉପରକୁ ଉଠି ସମୂହ ବିକାଶ ପାଇଁ ଭାବିବା ଆମର ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ରବିବାର ସମ୍ବଲପୁରର ଦେବେଇପାଲି ଠାରେ ଆୟୋଜିତ ଭାରତୀୟ ଜନତା ପାର୍ଟିର 'ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ'ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏହି ବୈଠକରେ ସଙ୍ଗଠନାତ୍ମକ ସୁଦୃଢ଼ୀକରଣ ଏବଂ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିବା ସହ ଉଦବୋଧନ ଦେଇ କହିଛନ୍ତି ଯେ, ସମ୍ବଲପୁର ଜିଲ୍ଲାରେ ଭାରତୀୟ ଜନତା ପାର୍ଟିର ତୃଣମୂଳ ସ୍ତରରେ ଅତ୍ୟନ୍ତ ମଜବୁତ୍ ସଙ୍ଗଠନ ରହିଛି । ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ପଂଚାୟତ, ମ୍ୟୁନିସିପାଲିଟି, ଏନଏସି ଏବଂ ସମବାୟ ନିର୍ବାଚନ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏବେ ଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାରରୁ ସମୃଦ୍ଧି' ଆହ୍ୱାନରେ ଦେଶରେ ସମବାୟ ଆନ୍ଦୋଳନର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଭାରତ ସରକାର



ସମବାୟ ଆଇନରେ ସଂଶୋଧନ ଆଣିବା ପରେ ପୁରୁଣା ସମବାୟ ସମିତିଗୁଡ଼ିକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରାଯାଉଛି। ସମବାୟ କ୍ଷେତ୍ରରେ ସାଧାରଣ ଲୋକଙ୍କ ସହଭାଗିତା ବୃଦ୍ଧି କରିବା ପାଇଁ ଅତିଶୀଘ୍ର ଜିଲ୍ଲାରେ ଏକ ବୃହତ୍ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ।

ବର୍ତ୍ତମାନ ଭାରତୀୟ ଜନତା ପାର୍ଟି ପକ୍ଷରୁ 'ସେବା ପକ୍ଷ' ପାଳନ କରାଯାଉଛି। ଏହି ଅବସରରେ ଦଳର କାର୍ଯ୍ୟକର୍ତ୍ତାମାନେ ଗରିବ, ଯୁବ, ମହିଳା, ଜନଜାତି ଓ ଅସହାୟ ବର୍ଗଙ୍କ ନିକଟରେ ପହଂଚି ସେମାନଙ୍କ ସେବା କରିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ପହଂଚାଇବେ । ବିଶେଷ କରି ସ୍ୱଚ୍ଛତା, ପୋଷଣ ବା ପୃଷ୍ଟିକର ଖାଦ୍ୟ ଏବଂ ନିଶାମୁକ୍ତି ଅଭିଯାନକୁ ପ୍ରତ୍ୟେକ ନାଗରିକଙ୍କୁ ସାମିଲ କରି ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଛି । ଏହାବ୍ୟତୀତ ଆଗାମୀ ଦିନରେ ସମ୍ବଲପୁର ମ୍ୟୁନିସିପାଲିଟି ଓ ଗ୍ରାମାଂଚଳରେ ବଡ ସ୍ୱଚ୍ଛତା ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଓଡ଼ିଶା ସମେତ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟିର ଶାସନରେ ଜନସାଧାରଣଙ୍କ ନିରନ୍ତର ସେବା ଜାରି ରହିଛି । ଅନ୍ତର୍ଜାତୀୟ ସ୍ତରରେ ଭାରତ ଅତିଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଥିବା ବେଳେ ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ପ୍ରାଥମିକତା ହେବା ଉଚିତ୍ । ଜିଲ୍ଲାରେ ସଡ଼କ ଭିତ୍ତିଭୂମିରେ ବ୍ୟାପକ ନିବେଶ ସହ ରୋଜଗାରକୁ ଦୁଇଗୁଣିତ କରିବା ପାଇଁ 'ଦିଶା' ବୈଠକରେ ବୃହତ୍ ଯୋଜନା କରାଯାଇଛି । ସାମାଜିକ ସଂଗଠନର ମୂଳ ଲକ୍ଷ୍ୟ ହେଉଛି ସମାଜକୁ ସଠିକ୍ ବାଟ ଦେଖାଇବା ଏବଂ ଗରିବ, ଅସହାୟ, ମହିଳା, ଯୁବ ଏବଂ ଜନଜାତିଙ୍କ ସ୍ୱର ହେବା । ଆମକୁ ଶାସନ ଓ ଶାସିତଙ୍କ ମଧ୍ୟରେ ସେତୁ ସାଜିବାକୁ ହେବ । ଆମର ବ୍ୟବହାର ଓ ଆଚରଣ ଯେପରି କାହାରି ମନରେ ଆଘାତ ନଦିଏ, ସେଥିପ୍ରତି ସଜାଗ ରହି ବିଷୟ-ଆଧାରିତ ରାଜନୀତିକୁ ଆଗକୁ ବଢ଼ାଇବାକୁ ହେବ । ଶେଷରେ ସମ୍ବଲପୁର ବିକଶିତ ହେଲେ ହିଁ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ।

# ରୋଷେୟା ମହାସଂଘର ବିକ୍ଷୋଭ

**ଭୁବନେଶ୍ୱର,୧।୧୦ (ମହାଭାରତ):** "ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ" ପକ୍ଷରୁ ତା ୨୫.୦୯.୨୦୨୬ ରିଖ ଦିବା ଘ.୧୧.୩୦ମିନିଟ୍ ସମୟରେ ୮ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାରୁ ରୋଷେୟାମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ସମ୍ମିଳନୀରେ ଯୋଗଦେଇ ୮ ଦଫା ଦାବି ସମ୍ବନ୍ଧେ ଆଲୋଚନା କରି ରୋଷେୟାମାନେ ଦୀର୍ଘ ୨୦ ରୁ ୨୫ ବର୍ଷ, ଚବିଶ ଘ□ା ଧରି ନିଷ୍ଠାପର ଭାବେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ବ□ମାନ ସରକାର ଠିକା କର୍ମଚାରୀ ଭାବେ ଅର୍ଥ ବିଭାଗରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିବାରୁ କ୍ଷୋଭ ପ୍ରକାଶ କରି କହିଲେ, ସରକାରଙ୍କ ନିୟମ ଅନୁସାରେ ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାର ବ୍ୟବସ୍ଥା ଥିବାବେଳେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲାନାହିଁ । ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ ଅନୁସାରେ ୬ ବର୍ଷ କାର୍ଯ୍ୟ ତୁଲାଇଥିବା ରୋଷେୟା ତଥା ସେବାୟତଙ୍କ ଚାକିରୀକୁ ନିୟମିତ କରାଯାଉ ଏବଂ ଠିକା କର୍ମଚାରୀ ବ୍ୟବସ୍ଥାକୁ ଆମ୍ଭମାନଙ୍କୁ ସେଥିରୁ ବାଦ୍ ଦିଆଯାଉ । ୫. ଦିନରାତି ସଚେତନ ରହି ଅବିଶ୍ରାନ୍ତ ଭାବେ ଦାୟିତ୍ୱ ବହନ କରୁଥିବା ବେଳେ ଅନେକ ରୋଷେୟାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରାଯାଇ ଚାକିରୀରୁ ବହିଷ୍କାର, ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ । ବିକ୍ଷୋଭ ସମାବେଶରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡା ଓ ସାଧାରଣ ସମ୍ପାଦିକା ରିନା ମୁର୍ମୁ, ସୁକାନ୍ତି ଜାନି, ତପିସା ନାୟକ, ସୌଦାମିନି କହଁର, ସ୍ୱର୍ଣ୍ଣଲତା ଜାନି, ଉଲ୍ଲାସ ଜାନି, ସୁକାନ୍ତି ଡିଗା, ସୁଚିତା ଲାକ୍ରା, ମମିତା ଏକ୍କା, ଈଶ୍ୱର ଭୋଇ, କର୍ଣ୍ଣ ମାଝୀ, ବନବାସୀ ମହାନ୍ତ, ଟୁନି ମଲିକ, ସାବିତ୍ରୀ ରଣା, ଆନନ୍ଦିନୀ ଏକା, ଉଲ୍ଲାସିନୀ ନାୟକ, ସୁନୀଲ ବାର୍ଲା, ରାଧିକା ପ୍ରଧାନ, ସସ୍ମିତା ପ୍ରଧାନ, ସୁକାନ୍ତି କଅଁର ଯୋଗଦେଇଥିଲେ।

# ନୂଆଦିଲ୍ଲୀରେ 'ନୂଆଁଖାଇ ଭେଟଘାଟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୧୦ (ମହାଭାରତ):** 'ନୂଆଁଖାଇ' କେବଳ ଗୋଟିଏ ପର୍ବ ନୁହେଁ, ଏହା ଆମ ମାଟି, କୃଷି, ସଂସ୍କୃତି, ଶ୍ରଦ୍ଧା ଏବଂ ଭାଇଚାରାର



ଏକ ଅନନ୍ୟ ପ୍ରତୀକ । ନୂଆଦିଲ୍ଲୀ ସ୍ଥିତ 'ମିଲନ୍ ପରିବାର' ଏବଂ 'ଜୁହାର ଦିଲ୍ଲୀ' ପରିବାର ପକ୍ଷରୁ ଆୟୋଜିତ ପୃଥକ 'ନୂଆଁଖାଇ ଭେଟଘାଟ-୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଷ୍ଟ୍ରୀୟ ରାଜଧାନୀରେ ପ୍ରବାସୀ ଓଡ଼ିଆମାନଙ୍କ ଗହଣରେ ଏହି ପବିତ୍ର ସାଂସ୍କୃତିକ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ନିଜକୁ ଅତ୍ୟନ୍ତ ଆନନ୍ଦିତ ଓ ଗୌରବାନ୍ୱିତ ମନେକରିଥିଲେ। ଏହି ଅବସରରେ ସେ 'ଜୁହାର ଦିଲ୍ଲୀ' ପରିବାର ପକ୍ଷରୁ ଆୟୋଜିତ ଉତ୍ସବରେ କୃତି ଓ ପ୍ରତିଭାବାନ ବ୍ୟକ୍ତିବିଶେଷମାନଙ୍କୁ 'ଜୁହାର ସମ୍ମାନ'ରେ ସମ୍ମାନିତ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ନୂଆଁଖାଇ ହେଉଛି ଆମ ପରିବାରର ଏକତା, ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା-ସମ୍ମାନ ଜଣାଇବାର ଏବଂ ନବାନ୍ନ ଗ୍ରହଣ ସହ ସାମାଜିକ ସଦ୍ଭାବ ବୃଦ୍ଧି କରିବାର ଏକ ପବିତ୍ର ଅବସର। ଦିଲ୍ଲୀରେ ରହୁଥିବା ଆମ ଓଡ଼ିଆ ଭାଇଭଉଣୀମାନଙ୍କୁ ଏକାଠି କରି 'ଜୁହାର ଦିଲ୍ଲୀ' ଗତ ୨୭ ବର୍ଷ ଧରି ଆମ କଳା, ସଂସ୍କୃତି, ପରମ୍ପରା ଓ ଆପଣାପଣକୁ ରାଷ୍ଟ୍ରୀୟ ରାଜଧାନୀରେ ବଂଚାଇ ରଖିବା ସହ ତାହାର ପ୍ରଚାର ଓ ପ୍ରସାର ପାଇଁ ଯେଉଁ ନିରନ୍ତର ପ୍ରୟାସ କରିଆସୁଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ। ସେହିପରି 'ମିଳନ ପରିବାର' ମଧ୍ୟ ଓଡ଼ିଶାର ଏହି ମହାନ ପରମ୍ପରା ଓ ସାଂସ୍କୃତିକ ବନ୍ଧନକୁ ବଜାୟ ରଖିଥିବାରୁ ସେ ଦୁଇ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ। ଶେଷରେ, ମା' ସମଲେଶ୍ୱରୀଙ୍କ ପାଖରେ ଶ୍ରୀ ପ୍ରଧାନ ସମସ୍ତଙ୍କ ସୁଖ, ସମୃଦ୍ଧି, ଶାନ୍ତି ଏବଂ ଉତ୍ତମ ଆରୋଗ୍ୟ କାମନା କରିଛନ୍ତି ।

# ଡିଜିଟାଲ ନବସୃଜନ ଓ ସମୁଦାୟଭିତ୍ତିକ ପର୍ଯ୍ୟଟନକୁ ଗୁରୁତ୍ୱ

**ଭୁବନେଶ୍ୱର,୧।୧୦ (ମହାଭାରତ):** ଡିଜିଟାଲ ନବସୃଜନ, ନିରନ୍ତର ପର୍ଯ୍ୟଟନ, ଐତିହ୍ୟ ଓ ସାହସିକ ପର୍ଯ୍ୟଟନ ସହ ସ୍ଥାନୀୟ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦେଇ ଓଡ଼ିଶାରେ ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬ ପାଳିତ ହୋଇଛି। ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ପର୍ଯ୍ୟଟନର ପୁନଃ ପରିକଳ୍ପନା ପାଇଁ ଡିଜିଟାଲ ଆଜେଣ୍ଡା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)'କୁ ଚଳିତ ବର୍ଷର ମୁଖ୍ୟ ଭାବନା ଭାବେ ନେଇ ଆୟୋଜିତ ଏହି ସମାରୋହରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁଗମ, ସଂଯୋଜିତ ଓ ଭବିଷ୍ୟତମୁଖୀ କରିବାରେ ପ୍ରଯୁକ୍ତି ଓ ନବସୃଜନର ଭୂମିକା ଉପରେ ଆଲୋଚନା ହୋଇଥିଲା।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



କହିଥିଲେ ଯେ ପର୍ଯ୍ୟଟନ କେବଳ ଭ୍ରମଣ ଓ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଜୀବିକା ସୃଷ୍ଟି, ଉଦ୍ୟୋଗିତା ବିକାଶ ଏବଂ ସ୍ଥାନୀୟ ସମୁଦାୟକୁ ଆର୍ଥିକ ଭାବେ ସଶକ୍ତ କରିବାର ଏକ ପ୍ରମୁଖ ମାଧ୍ୟମ। ଯୁବ, ମହିଳା, ଉଦ୍ୟୋଗୀ, କାରିଗର ଓ ପର୍ଯ୍ୟଟନ ସେବା ପ୍ରଦାନକାରୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ସହ ପର୍ଯ୍ୟଟକଙ୍କ ଅନୁଭୂତିକୁ ସମୃଦ୍ଧ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଡିଜିଟାଲ ନବସୃଜନ ଓ ନୂତନ ପ୍ରଯୁକ୍ତିର ବ୍ୟବହାର ଦ୍ୱାରା ପର୍ଯ୍ୟଟନସ୍ଥଳୀର ସୂଚନା ପ୍ରାପ୍ତି, ପର୍ଯ୍ୟଟନ ସେବା ଓ ସାମଗ୍ରିକ ଭ୍ରମଣ ଅନୁଭୂତିରେ ଉନ୍ନତି ଆଣିହେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପର୍ଯ୍ୟଟନ ପରିସଂସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସମନ୍ୱିତ ପ୍ରୟାସ, ସଂସ୍ଥାଗତ ସହଯୋଗ ଓ ନବସୃଜନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ପର୍ଯ୍ୟଟନ ବିକାଶ ସହ ଗନ୍ତବ୍ୟସ୍ଥଳୀର ସୁପରିଚାଳନା ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅବସରରେ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମଧ୍ୟରେ ହୋମ୍‌ଷ୍ଟେଗୁଡ଼ିକୁ ଆର୍ଥିକ ସହାୟତା ଦେବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଐତିହ୍ୟ ପର୍ଯ୍ୟଟନର ବିକାଶ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ସହ ଏବଂ ସାହସିକ ପର୍ଯ୍ୟଟନର ପ୍ରସାର ପାଇଁ ଇଣ୍ଡିଆନ୍ କାୟାକିଂ ଆଣ୍ଡ କାନୋଇଂ ଆସୋସିଏସନ୍ ସହ ମଧ୍ୟ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହା ସହିତ ଓଟିଡିସିର ଅତ୍ୟାଧୁନିକ ଲକ୍ସୁରୀ କୋଚ୍‌ର ଶୁଭାରମ୍ଭ କରାଯାଇଥିଲା। ବାରକୁଲରେ ଓଟିଡିସିର ଇଭି ବୋଟ୍ ଏବଂ ଚିଲିକା ହ୍ରଦରେ ସ୍ୱସ୍ତି ପକ୍ଷରୁ ପରିଚାଳିତ କ୍ୟାଟାମାରାନ୍‌ର ଆଭାସୀ ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ହୋମ୍‌ଷ୍ଟେ ଯୋଜନା ଅଧୀନରେ ୧୭୬ ଜଣ ହିତାଧିକାରୀଙ୍କୁ ଅସ୍ଥାୟୀ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବନ୍ୟପ୍ରାଣୀ ସପ୍ତାହ ଅବସରରେ ଚନ୍ଦକା ଗ୍ରୀନ୍ ମାରାଥନ

**ଭୁବନେଶ୍ୱର,୧।୧୦ (ମହାଭାରତ):** ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରରେ ପ୍ରଥମ ଚନ୍ଦକା ଗ୍ରୀନ୍ ମାରାଥନ୍ ଆୟୋଜିତ ହୋଇଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣ, ବାସସ୍ଥଳୀ ସୁରକ୍ଷା ଏବଂ ସୁସ୍ଥ ଓ ପରିବେଶ ସଚେତନ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଏହି ମାରାଥନ୍‌ର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ମାରାଥନ୍‌କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଶ୍ରୀ ମନୋଜ ଭି. ନାୟରଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ, କର୍ମଚାରୀ, ପ୍ରକୃତିପ୍ରେମୀ ଏବଂ ବହୁ ସଂଖ୍ୟକ ପ୍ରତିଯୋଗୀ ଉପସ୍ଥିତ ଥିଲେ। ମାରାଥନ୍‌ରେ ୫ କି.ମି., ୧୦ କି.ମି. ଏବଂ ୨୧ କି.ମି. ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚନ୍ଦକା-





ଭରତପୁର ଜଙ୍ଗଲ ପରିଦୃଶ୍ୟ ଏବଂ ଏକାମ୍ର କାନନ ଅଂଚଳର ପ୍ରାକୃତିକ ପରିବେଶ ମଧ୍ୟରେ ଦୌଡ଼ିବାର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରତିଯୋଗୀମାନେ ଲାଭ କରିଥିଲେ। ମାରାଥନ୍‌ର ଏକ ବଡ଼ ଅଂଶ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏହା ସାଧାରଣ ସହରୀ ରାସ୍ତା ମାରାଥନ୍‌ଠାରୁ ଭିନ୍ନ ଏବଂ ପ୍ରକୃତିକେନ୍ଦ୍ରିକ ଅନୁଭୂତି ପ୍ରଦାନ କରିଥିଲା। ୨୧ କି.ମି. ବର୍ଗରେ ପ୍ରାୟ ୭ କି.ମି. ଲେଖାଏଁ ତିନୋଟି ଲୁପ୍ ରହିଥିଲା।

"ବାସସ୍ଥଳୀର ସଂଯୋଗ, ବନ୍ୟପ୍ରାଣୀର ସମୃଦ୍ଧି" ବାର୍ତ୍ତାକୁ ନେଇ ଆୟୋଜିତ ଏହି ମାରାଥନ୍ ମାଧ୍ୟମରେ ବନ ଓ ବନ୍ୟପ୍ରାଣୀ ବାସସ୍ଥଳୀର ସଂରକ୍ଷଣ ସହ ମାନବ କଲ୍ୟାଣ ଓ ସ୍ଥାୟୀ ଭବିଷ୍ୟତର ନିବିଡ଼ ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। "ପ୍ରକୃତି ପାଇଁ ଦୌଡ଼" ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ଐତିହ୍ୟର ସୁରକ୍ଷା ନିମନ୍ତେ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ଜଙ୍ଗଲ ଅଂଚଳ ମଧ୍ୟରେ ମାରାଥନ୍ ଆୟୋଜିତ ହୋଇଥିବାରୁ ପ୍ରତିଯୋଗୀମାନଙ୍କୁ ପ୍ରକୃତି ପ୍ରତି ଦାୟିତ୍ୱପୂର୍ଣ୍ଣ ଆଚରଣ ପାଳନ କରିବା ପାଇଁ ବିଶେଷ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ମାର୍ଗରେ ରହିବା, ଅଳିଆ ଆବର୍ଜନା ନ ଫିଙ୍ଗିବା, ଜଙ୍ଗଲ ମଧ୍ୟରେ ନୀରବତା ରକ୍ଷା କରିବା, ବନ୍ୟପ୍ରାଣୀ ଓ ଉଦ୍ଭିଦକୁ ବିରକ୍ତ କିମ୍ବା କ୍ଷତି ନ ପହଂଚାଇବା ଏବଂ ବନ କର୍ମଚାରୀ ଓ ରେସ୍ ମାର୍ଶାଲମାନଙ୍କ ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ କ୍ରୀଡ଼ା, ପ୍ରକୃତି ପ୍ରତି ଆକର୍ଷଣ ଓ ସଂରକ୍ଷଣ ପରସ୍ପର ସହ ସମନ୍ୱୟରେ ଆଗେଇ ପାରିବ ବୋଲି ବାର୍ତ୍ତା ଦିଆଯାଇଥିଲା। ମାରାଥନ୍‌ରେ ଛାତ୍ରଛାତ୍ରୀ, ଯୁବବର୍ଗ, ଦୌଡ଼ାଳି, ପ୍ରକୃତିପ୍ରେମୀ ଏବଂ ସାଧାରଣ ନାଗରିକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବାସସ୍ଥଳୀକୁ ସଂଯୋଗ କରିବା, ବନ୍ୟପ୍ରାଣୀକୁ ସୁରକ୍ଷା ଦେବା, ସଂରକ୍ଷଣକୁ ପ୍ରୋତ୍ସାହନ କରିବା ଏବଂ ଏକ ସବୁଜ ଭବିଷ୍ୟତ ଗଢ଼ିବାର ସାମୂହିକ ବାର୍ତ୍ତା ସହ ଏହି କାର୍ଯ୍ୟକ୍ରମ ବିଭିନ୍ନ ବର୍ଗର ଲୋକଙ୍କୁ ଏକତ୍ରିତ କରିଥିଲା। ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଏହି ମାରାଥନ୍ ଜନସାଧାରଣଙ୍କ ମଧ୍ୟରେ ବନ୍ୟପ୍ରାଣୀ ଓ ଜୈବ ବିବିଧତା ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ସହ ରାଜ୍ୟର ବନ, ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିସଂସ୍ଥାର ସୁରକ୍ଷାରେ ବ୍ୟାପକ ଜନସହଭାଗିତାକୁ ପ୍ରୋତ୍ସାହିତ କରିଛି।

# ସ୍ୱଚ୍ଛତା ନିୟମ ପାଳନକୁ ସୁଦୃଢ଼ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର,୧।୧୦ (ମହାଭାରତ):** ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ପୂର୍ବତଟ ରେଳପଥ ଏହାର ନିରୀକ୍ଷଣ ଓ ନିୟମ ପାଳନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ରେଳ ପରିସରକୁ ଅଧିକ ସ୍ୱଚ୍ଛ, ସୁସ୍ଥ ଏବଂ ସ୍ଥାୟୀ କରିବା ଲକ୍ଷ୍ୟରେ ବ୍ୟାପକ ନିରୀକ୍ଷଣ ଓ ପ୍ରବର୍ତ୍ତନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଚାଲୁଥିବା ସ୍ୱଚ୍ଛତା ଅଭିଯାନ ଏବଂ ସ୍ୱଚ୍ଛତା ହିଁ ସେବା ୨୦୨୬ର ଉଦ୍ଦେଶ୍ୟ ଅନୁରୂପ, ଅଗଷ୍ଟ ୨୦୨୬ ମାସରେ ରେଳ ପରିସରର ସ୍ୱଚ୍ଛତାକୁ ପ୍ରଭାବିତ କରୁଥିବା ବିଭିନ୍ନ ଅନିୟମିତତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩,୦୨୮ଟି ମାମଲା ରୁଜୁ କରାଯାଇ ୫.୮୯ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଜୁଲାଇ ୨୦୨୬ରେ ୨,୩୦୨ଟି ମାମଲା ରୁଜୁ କରାଯାଇ ୪.୪୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା ଓ

ଏହି ବୃଦ୍ଧି ପୂର୍ବତଟ ରେଳପଥର ସଜାଗତା ଓ ଅଧିକ ତୀବ୍ର ନିୟମ ପାଳନ ପ୍ରକ୍ରିୟାକୁ ପ୍ରତିଫଳିତ କରୁଛି। ଯାତ୍ରୀ ଓ ଅନ୍ୟାନ୍ୟ ହିତଧାରୀଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହିତ କରିବା ସହ ରେଳ ଷ୍ଟେସନ ଓ ପରିସରର ସ୍ୱଚ୍ଛତାକୁ ପ୍ରଭାବିତ କରୁଥିବା ଅବାଞ୍ଛିତ କାର୍ଯ୍ୟକଳାପକୁ ରୋକିବା ପାଇଁ ନିୟମିତ ନିରୀକ୍ଷଣ କରାଯାଉଛି। ବାଣିଜ୍ୟ ବିଭାଗ ପକ୍ଷରୁ ୬୩୬ଟି ମାମଲା ରୁଜୁ କରାଯାଇ ୧.୨୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି, ରେଳ ସୁରକ୍ଷା ବଳ ପକ୍ଷରୁ ଖୋର୍ଦ୍ଧା ରୋଡ, ରାୟଗଡ଼ା ଓ ସମ୍ବଲପୁର ଡିଭିଜନରେ ୨,୩୯୨ଟି ମାମଲା ରୁଜୁ କରାଯାଇ ୪.୬୨୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି।

ତିନୋଟି ଡିଭିଜନ ମଧ୍ୟରୁ ଖୋର୍ଦ୍ଧା ରୋଡ ଡିଭିଜନରେ ୨,୨୦୩ଟି ମାମଲା ରୁଜୁ କରାଯାଇ ୪.୫୨୬ ଲକ୍ଷ ଟଙ୍କା, ରାୟଗଡ଼ା ଡିଭିଜନରେ ୪୦୪ଟି ମାମଲାରେ ୬୨,୮୦୦ ଟଙ୍କା ଏବଂ ସମ୍ବଲପୁର ଡିଭିଜନରେ ୪୨୧ଟି ମାମଲାରେ ୭୪,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ସ୍ୱଚ୍ଛତା ପାଇଁ ଏହି ସୁଦୃଢ଼ ନିୟମ ପାଳନ ବ୍ୟବସ୍ଥା ପୂର୍ବତଟ ରେଳପଥର ବ୍ୟାପକ ସ୍ୱଚ୍ଛତା ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଥିରେ ନିରୀକ୍ଷଣ, ସଚେତନତା ଓ ଜନସହଭାଗିତାକୁ ସମାନ ଗୁରୁତ୍ୱ ଦିଆଯାଉଛି। କେବଳ ଜରିମାନା ଆଦାୟ କରିବା ନୁହେଁ, ବରଂ ଆଚରଣରେ ପରିବର୍ତ୍ତନ ଆଣି ରେଳ ପରିସରକୁ ସ୍ୱଚ୍ଛ ରଖିବା ପ୍ରତି ଅଧିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

# ଏ.ଓ. ସ୍ମିଥ୍ ପ୍ରଚଳନ କଲା ଆଣ୍ଟିଅକ୍ସିଡାଣ୍ଟ ୱାଟର

**ଭୁବନେଶ୍ୱର,୧।୧୦ (ମହାଭାରତ):** ଜଳ ଗରମ କରିବା ଏବଂ ବିଶୋଧନ ସମାଧାନଗୁଡିକ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଏ.ଓ.ସ୍ମିଥ୍ ଆଣ୍ଟିଅକ୍ସିଡାଣ୍ଟ ୱାଟର ସହିତ ଭାରତର ପ୍ରଥମ ଅଣ୍ଡର୍ ଦି ସିଙ୍କ୍ ୱାଟର ପିୟୋରଫାୟର୍ ଜେଡ୍୩ ଓନିକ୍ସ ବ୍ଲାକ୍ ପ୍ରଚଳନ କରିଛି। ଏଥିରେ ଶିଳ୍ପର ଅଗ୍ରଣୀ ୫୫% ପର୍ଯ୍ୟନ୍ତ ଜଳ ପୁନରୁଦ୍ଧାର (ୱାଟର ରିକଭରୀ) ହାର ରହିଛି। ଜେଡ୍୩ ଓନିକ୍ସ ବ୍ଲାକ୍ ୱାଟର ପିୟୋରିଫାୟର୍ ଏକ କପର୍ (ତମ୍ବା) ମିନେରାଲାଇଜର୍ ଏବଂ ଆଲ୍‌କାଇଲାଇନ ପ୍ରଯୁକ୍ତି ସହିତ ଆସୁଛି ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜସାରଗୁଡିକ ଭରଣା କରିବା ସହିତ ଜଳୀୟ ଅଂଶ ବୃଦ୍ଧି କରୁଛି। ଏହାର ଅଣ୍ଡର୍ ଦି ସିଙ୍କ୍ ଡିଜାଇନ ଆଧୁନିକ ରୋଷେଇଘର ସ୍ଥାନ ସହିତ ସହଜରେ ସଂଯୁକ୍ତ ହେବା ସୁନିଶ୍ଚିତ କରୁଛି ଏବଂ ଏଥିରେ ସୌନ୍ଦର୍ଯ୍ୟବୋଧ ସହିତ ବାସ୍ତବତା ରହିଛି। ଦକ୍ଷ ଓ ନିର୍ଭରଯୋଗ୍ୟ ହେବା ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ଜଳ ବିଶୋଧକ (ୱାଟର ପିୟୋରିଫାୟର୍)ରେ ଉନ୍ନତ ବିଶୋଧନ ବ୍ୟବସ୍ଥା, ମନଲୋଭା ଷ୍ଟାଇଲ ଏବଂ ଜଳ ସଞ୍ଚୟକାରୀ ପ୍ରଯୁକ୍ତି ଆଦି ଗୋଟିଏ ମାତ୍ର, କମ୍ ସ୍ଥାନରେ କାର୍ଯ୍ୟକ୍ଷମ ହେଉଥିବା ସମାଧାନ ରୂପରେ ସଂଯୁକ୍ତ ହୋଇଛି।

# ଫାର୍ମାସିଷ୍ଟଙ୍କ ସଶକ୍ତୀକରଣ ନିମନ୍ତେ ଉନ୍ନତ ମାନର ଶିକ୍ଷା ଆବଶ୍ୟକ

**ଭୁବନେଶ୍ୱର,୧।୧୦ (ମହାଭାରତ):** ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାର ପ୍ରମୁଖ ଅଂଗ। ତେଣୁ ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉନ୍ନତ ମାନର ଶିକ୍ଷା, ଗବେଷଣା ଓ ନବସୃଜନର ସୁଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ -୧ ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟସ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ ଉପସଭାପତି କହିଥିଲେ ଯେ ବହୁ ବିଭାଗୀୟ ରୋଗୀ ସେବାରେ ଅଧିକ ଅଂଶ ଗ୍ରହଣ ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଫାର୍ମାସିଷ୍ଟ ମାନଙ୍କର ଅବଦାନର ଯଥୋଚିତ ସ୍ୱୀକୃତିର ଆବଶ୍ୟକତା ରହିଛି। ଚଳିତ ବର୍ଷ ବିଶ୍ୱ ଫାର୍ମାସିଷ୍ଟ ଦିବସର ବିଷୟବସ୍ତୁ "ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟମାନଙ୍କୁ ସଶକ୍ତ



କରିବା" ପ୍ରସଙ୍ଗରେ ମତ ରଖି ଶ୍ରୀମତି ଦାସ କହିଥିଲେ ଏହା ସମସ୍ତଙ୍କ ପାଇଁ ବିଶେଷ ମହତ୍ୱ ରଖେ। ଗୋଟିଏ ବିଶ୍ୱବିଦ୍ୟାଳୟ ଭାବେ କେବଳ ଯୋଗ୍ୟ ପେସାଦାର ଫାର୍ମାସିଷ୍ଟ ସୃଷ୍ଟି କରିବାରେ ସୀମିତ ନ ରହି ସେମାନଙ୍କୁ ଦକ୍ଷ, ନୈତିକ ଓ ପ୍ରମାଣ ଭିତ୍ତିକ ଜ୍ଞାନରେ ସମୃଦ୍ଧ ଓ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତି ଦାସ କହିଥିଲେ।

ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିୟନ୍ତ୍ରକ ଶ୍ରୀମତି ମାମିନା ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଫାର୍ମାସିଷ୍ଟ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଭବିଷ୍ୟତ ନିମନ୍ତେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଆଡିସନାଲ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚିକିତ୍ସା କ୍ଷେତ୍ରରେ ଜଣେ ଡାକ୍ତରଙ୍କ ସହିତ ଫାର୍ମାସିଷ୍ଟ ମାନଙ୍କର ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୧ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରୋଗୀମାନଙ୍କୁ ଉତମ ମାନର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଫାର୍ମାସିଷ୍ଟ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ।

# ୨୧.୭୮ କୋଟି ଟଙ୍କା ଉଠାଇବାକୁ ସଲ୍‌ଫେଜ୍ ସ୍ମାର୍ଟ ଇଲେକ୍‌ଟ୍ରୋନିକ୍ସର ଲକ୍ଷ୍ୟ

**ଭୁବନେଶ୍ୱର,୧।୧୦ (ମହାଭାରତ):** ସ୍ମାର୍ଟ ଇଲେକ୍‌ଟ୍ରୋନିକ୍ସ ବ୍ୟବସାୟରେ ନିୟୋଜିତ ଥିବା କୋଲକାତାସ୍ଥିତ ଏକ କମ୍ପାନୀ ସଲ୍‌ଫେଜ୍ ସ୍ମାର୍ଟ ଇଲେକ୍‌ଟ୍ରୋନିକ୍ସ ଲିମିଟେଡ ("କମ୍ପାନୀ") ତାହାର ଇନିସିଆଲ୍ ପବ୍ଲିକ ଅଫରିଂ(ଆଇପିଓ) ଉନ୍ମୁକ୍ତ ହେବା ସମ୍ପର୍କରେ ଘୋଷଣା କରିଛି। ଏହି ଇସ୍ୟୁ ସବ୍‌ସ୍କ୍ରିପସନ୍ ନିମନ୍ତେ ବୁଧବାର, ସେପ୍ଟେମ୍ବର ୩୦, ୨୦୨୬ରେ ଖୋଲିବ ଏବଂ ସୋମବାର, ଅକ୍ଟୋବର ୫, ୨୦୨୬ରେ ବନ୍ଦ ହେବ। ଇକ୍ୱିଟି ସେୟାରଗୁଡିକ ବିଏସ୍ଇ ଏସ୍ଏମ୍ଇ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ପ୍ରସ୍ତାବ ରହିଛି। କମ୍ପାନୀ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୩୯,୬୦,୦୦୦ ଇକ୍ୱିଟି ସେୟାରକୁ ପ୍ରତ୍ୟେକ ଇକ୍ୱିଟି ସେୟାର୍ ପିଛା ୫୫ ଟଙ୍କା ଇସ୍ୟୁ ମୂଲ୍ୟରେ ଯୋଗାଇ ଦେଉଛି, ଯାହାର ମୋଟ ମୂଲ୍ୟ ୨୧.୭୮ କୋଟି ଟଙ୍କା। ପ୍ରତି ଇକ୍ୱିଟି ସେୟାର୍ ପିଛା ୫୫ ଟଙ୍କାର ପୂର୍ଣ୍ଣ ଇସ୍ୟୁ ମୂଲ୍ୟ ଆବେଦନ ସମୟରେ ଦେୟ ହେବ। ଇସ୍ୟୁ ନିମନ୍ତେ ମାର୍କେଟ ଲଟ୍ ୨୦୦୦ ଇକ୍ୱିଟି ସେୟାର ରଖାଯାଇଛି ଏବଂ ରିଟେଲ୍ ନିବେଶକମାନେ ସର୍ବନିମ୍ନ ଦୁଇଟି ଲଟ୍ ନିମନ୍ତେ ଆବେଦନ କରିବା ଆବଶ୍ୟକ ଯାହାର ମୋଟ ମୂଲ୍ୟ ୨.୨୦ ଲକ୍ଷ ଟଙ୍କା।

# ଦେଶ ଗରିବ, ନେତା ଧନୀ

ଗରୀବ ଦେଶରେ ଧନୀ ନେତା। ଏଥିରେ ଭାରତ ସମ୍ପର୍କରେ କିଛି ତଥ୍ୟ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖଥିବା ତଥ୍ୟ ଅନୁଯାୟୀ ଭାରତ ଏକ ଗରୀବ ଦେଶ ଏବଂ ଏହାର ମୁଣ୍ଡ ପିଛା ଆୟ ଅନ୍ୟ ବହୁ ଦେଶ ତୁଳନାରେ କମ ରହିଛି। ଯଦିଓ ସ୍ୱାଧୀନତାର ୭୮ ବର୍ଷ ପରେ ଭାରତର ଆର୍ଥିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଏହା ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇଛି, କିନ୍ତୁ ଜନ ବିସ୍ଫୋରଣ ଯୋଗୁ ଭାରତ ଏବେ ବି ବିଶ୍ୱର ଏକ ପ୍ରମୁଖ ଗରୀବ ରାଷ୍ଟ୍ର ଭାବେ ଗଣନା କରାଯାଉଛି। ଦେଶର ମୋଟ ଜନସଂଖ୍ୟାର ୨୨ ପ୍ରତିଶତରୁ ଅଧିକ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ବାକି ୭୮ ପ୍ରତିଶତ ଲୋକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନିମ୍ନ ମଧ୍ୟବିତ୍ତବର୍ଗର। ସେମାନଙ୍କୁ ସ୍ୱଚ୍ଛଳ କୁହାଯାଇପାରିବ ନାହିଁ। ସରକାରୀ ମାନଦଣ୍ଡ ଆଧାରରେ ସେମାନେ ବିପିଏଲ ତାଲିକାଭୁକ୍ତ ନୁହଁନ୍ତି। କିନ୍ତୁ ବାସ୍ତବରେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତି ଶୋଚନୀୟ। ସେମାନଙ୍କ ଜୀବନ ଧାରଣର ମାନ ଅତ୍ୟନ୍ତ ତଳେ ରହିଛି। ଅନେକ ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ଲାଭ ପାଇଁ ସମର୍ଥ ନୁହଁନ୍ତି। ଦେଶର ୯୪ ପ୍ରତିଶତ ବ୍ୟକ୍ତି କେବଳ ସରକାରୀ ହସ୍ପିଟାଲ ଏବଂ ମାଗଣା ଔଷଧ ଉପରେ ନିର୍ଭର କରୁଛନ୍ତି। କୋଟି କୋଟି ଲୋକ ଫୁଟପାଥ ବା ଷ୍ଟେସନରେ ଶୋଇ ରାତି ବିତାଉଛନ୍ତି। ଦେଶର ମୋଟ ଜନସଂଖ୍ୟାର ଏକ ବଡ଼ ଅଂଶ ଚାଷ ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଗରୀବ। କାରଣ ସେମାନେ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। ଏଭଳି ଏକ ଗରୀବ ଦେଶରେ କିନ୍ତୁ ନେତାଙ୍କ ଆର୍ଥିକ ସ୍ଥିତି ନିହାତି ଭଲ। ସାଂସଦ, ବିଧାୟକ, ଅନ୍ୟ ନିର୍ବାଚିତ ଜନ ପ୍ରତିନିଧି ଏପରିକି ନିର୍ବାଚିତ ହୋଇନଥିବା ନେତାଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ସ୍ୱଚ୍ଛଳ। ଅନେକ ନେତାଙ୍କ ପାଖରେ ନିୟୁତ ନିୟୁତ ଡଲାର ପରିମାଣର କଳାଧନ ରହିଛି। ନିର୍ବାଚନରେ ବିପୁଳ ଟଙ୍କା ଖର୍ଚ୍ଚ କରି ସେମାନେ ନିର୍ବାଚିତ ହେବା ପରେ ଏହାକୁ ସମୂଳସୁଧ ଆଦାୟ କରିବାକୁ ଉଦ୍ୟମ କରନ୍ତି। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେମାନେ ବିପୁଳ କଳାଟଙ୍କା ସଂଗ୍ରହ କରନ୍ତି। ଭାରତରେ ନେତାମାନଙ୍କ ନିକଟରେ ଯେତିକି କଳା ଟଙ୍କା ଅଛି ତାହା ଯଦି ସର୍ବସାଧାରଣଙ୍କ କଲ୍ୟାଣରେ ବିନିଯୋଗ ହୋଇପାରନ୍ତା ତେବେ ଭାରତର ସାମାଜିକ ସ୍ଥିତିରେ ବିରାଟ ପରିବର୍ତ୍ତନ ଆସିପାରନ୍ତା। ଏହି ଟଙ୍କାରେ ଅନେକ ବଡ଼ ବଡ଼ ହସ୍ପିଟାଲ, ସ୍କୁଲ, ରାସ୍ତା, ସେତୁ ଏବଂ ଶିଳ୍ପ ପ୍ରତିଷ୍ଠାନ ହୋଇପାରନ୍ତା। ନେତାଙ୍କ ନିକଟରେ ଗଚ୍ଛିତ ଥିବା କଳାଟଙ୍କାର କିଛି ଅଂଶ ନିର୍ବାଚନ ବେଳେ ସାଧାରଣ ଲୋକଙ୍କ ନିକଟକୁ ଯାଇଥାଏ। ଭୋଟ ପାଇଁ ନେତାମାନେ ଏହି କଳା ଟଙ୍କା ବିନିଯୋଗ କରନ୍ତି। କିନ୍ତୁ ଏହାକୁ ଟଙ୍କାର ସଦୁପଯୋଗ ବୋଲି କୁହାଯାଇପାରିବ ନାହିଁ। ଏହା ଦ୍ୱାରା କିଛି ଗଠନମୂଳକ କାର୍ଯ୍ୟ ହୁଏ ନାହିଁ। ମଦ ପିଇବା, ଭୋଜିଭାତରେ ଏହାର ଏକ ବଡ଼ ଅଂଶ ଖର୍ଚ୍ଚ ହୋଇଥାଏ। ଏହା କଷ୍ଟୋପାର୍ଜିତ ଧନ ହୋଇନଥିବାରୁ ଲୋକେ ନିର୍ବାଚନ ବେଳେ ପାଇଥିବା ଟଙ୍କାକୁ ବଦଖର୍ଚ୍ଚରେ ଉଡ଼ାଇ ଦିଅନ୍ତି। ଏଭଳି ଭାବେ ନେତାମାନେ କୋଟି କୋଟି ଟଙ୍କା ବିନିଯୋଗ କରି ଭୋଟ କିଣୁଛନ୍ତି, କ୍ଷମତାକୁ ଆସିବା ପରେ ଏହାର ଦୁରୂପଯୋଗ କରି ପୁଣି ଦୁଇଗୁଣା ଟଙ୍କା ସଂଗ୍ରହ କରୁଛନ୍ତି। ନବେ ଦଶକରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସୁଖରାମଙ୍କ ଘରୁ ଏଭଳି ପୁଳା ପୁଳା ଟଙ୍କା ଜବତ ହୋଇଥିଲା। ତେବେ ନ୍ୟାୟିକ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ସେ ବିନା ଦଣ୍ଡରେ ଖସିଗଲେ। ସେହିଭଳି କର୍ଣ୍ଣାଟକରେ କଂଗ୍ରେସ ନେତା ଡି. ଶିବକୁମାରଙ୍କ ଘରୁ ମଧ୍ୟ ଏଭଳି ବିପୁଳ କଳା ଟଙ୍କା ଜବତ ହୋଇଥିଲା। ଏହାର ତଦନ୍ତ ଚାଲିଛି। କିନ୍ତୁ ସେ ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ। ତାଙ୍କ କଳାକାରନାମା ଏବେ ଶୀତଳ ଭଣ୍ଡାରରେ। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ପଶ୍ଚିମବଙ୍ଗରେ ଜଣେ ମନ୍ତ୍ରୀଙ୍କ ଦୁର୍ନୀତିର ପର୍ଦ୍ଦାଫାସ ହେବା ପରେ ଦେଶରେ ନେତାଙ୍କ ଦୁର୍ନୀତି ସମ୍ପର୍କରେ ଆଉ କିଛି କହିବାର ଆବଶ୍ୟକତା ନାହିଁ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

|| ସୌମେନ୍ଦ୍ର ଜେନା ||

> “ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ। ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ୍ୟ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# କଳା ଅବତାର, ଅଂଶାବତାର ଓ ରାମାବତାର

|| ଡା.ଦିଲ୍ଲୀପ କୁମାର ମହାରଣା ||

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତ ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତ ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

|| ସୁଶାନ୍ତ ଭୂୟାଁ ||

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା’ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ ‘ପ୍ରଗତିବାଦୀ’ ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାକି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ରାଇଘର ବ୍ଲକର କେତେକ ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବିଳମ୍ବିତ ଉପସ୍ଥିତି ଅଭିଯୋଗ, ପାଠପଢ଼ା ପ୍ରଭାବିତ

ରାଇଘର:(ମହାଭାରତ)ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ କେତେକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ପହଞ୍ଚୁ ନଥିବା ଏବଂ ଛୁଟି ସମୟ ପୂର୍ବରୁ ବିଦ୍ୟାଳୟ ଛାଡ଼ି ଯାଉଥିବା ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଅଭିଯୋଗ ଅନୁସାରେ, କେତେକ ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସକାଳେ ବିଳମ୍ବରେ ବିଦ୍ୟାଳୟରେ ପହଞ୍ଚୁଛନ୍ତି। ଫଳରେ ପ୍ରଥମ ପିରିଅଡ଼ର ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହା ସହିତ ୪ଟା ପୂର୍ବରୁ ହିଁ କେତେକ ଶିକ୍ଷକ-ଶିକ୍ଷୟିତ୍ରୀ ବିଦ୍ୟାଳୟ ଛାଡ଼ି ନିଜ ଘରକୁ ଫେରୁଥିବା ମଧ୍ୟ




ଦେଖିବାକୁ ମିଳୁଥିବା ବୋଲି ଅଭିଯୋଗ ହେଉଛି ।ଅଭିଭାବକମାନଙ୍କ କହିବା ଅନୁଯାୟୀ, ସରକାର ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବିଭିନ୍ନ ଯୋଜନା ଓ ସୁବିଧା ଯୋଗାଇ ଦେଉଥିବା ବେଳେ, ଯଦି ଶିକ୍ଷକମାନେ ସମୟାନୁବର୍ତ୍ତୀ ନ ହୁଅନ୍ତି, ତେବେ ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ପଡୁଛି। ବିଶେଷକରି ପଛୁଆ ଅଞ୍ଚଳର ଛାତ୍ରଛାତ୍ରୀମାନେ ଏଥିରେ କ୍ଷତିଗ୍ରସ୍ତ ହେଉଛନ୍ତି ।ତେବେ ଏହି ଅଭିଯୋଗ କେତେଦୂର ସତ୍ୟ, ତାହାର ନିରପେକ୍ଷ ତଦନ୍ତ କରାଯିବା ଆବଶ୍ୟକ। ଯଦି ତଦନ୍ତରେ ଅଭିଯୋଗର ସତ୍ୟତା ମିଳେ, ତେବେ ସମ୍ପୃକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।ଏହି ପ୍ରସଙ୍ଗରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ବିଭାଗ ଘଟଣାର ତଦନ୍ତ କରି ବିଦ୍ୟାଳୟଗୁଡ଼ିକରେ ନିୟମିତ ଉପସ୍ଥିତି ଓ ଶୃଙ୍ଖଳା ସୁନିଶ୍ଚିତ କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାକୁ ସାଧାରଣରେ ଦାବି ଉଠିଛି ।

## ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ ପି ଏମ୍ ଶ୍ରୀ ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ର ସାଇ ପ୍ରସାଦ ସାମଲ ପ୍ରଥମ




ଧାମନଗର, (ମହାଭାରତ) : ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପି ଏମ୍ ଶ୍ରୀ ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର: ୭୦ତମ ଭଦ୍ରକ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୦୨୭ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ୧୪ ବର୍ଷରୁ କମ୍ ବୟସ ବାଳକ ବିଭାଗର ପ୍ରତିଯୋଗୀ ସାଇ ପ୍ରସାଦ ସାମଲ। ଯୋଗ ପ୍ରତିଯୋଗିତାରେ ସାଇ ପ୍ରସାଦ ସାମଲ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ତାଙ୍କର ଏହି ସଫଳତାରେ ବିଦ୍ୟାଳୟ ପରିବାର ଓ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି ।ସାଇ ପ୍ରସାଦଙ୍କ ଏହି ସଫଳତା ପାଇଁ କ୍ରୀଡ଼ା ଶିକ୍ଷକ ସମଜାନ ସାହା, କ୍ରୀଡ଼ା ଶିକ୍ଷୟିତ୍ରୀ ଚିତ୍ରାବତୀ ବେହେରା, ପ୍ରଧାନ ଶିକ୍ଷକ ରାମ ସିଂ ଟୁଡୁ, ସହକାରୀ ଶିକ୍ଷକ ମୁକେଶ ସେନାପତି ଓ ସୌମ୍ୟ ରଞ୍ଜନ ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସାଇ ପ୍ରସାଦ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟ ଓ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣନ୍ତୁ ବୋଲି ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି ।

## ପାରାଦୀପ ପୋର୍ଟ ବଣିକ ସଙ୍ଘ ସଦସ୍ୟ ଡା. ହୃଦାନନ୍ଦ ସାହୁ ଙ୍କ ବିୟୋଗରେ ଶୋକ



ପାରାଦୀପ, (ମହାଭାରତ): ପାରାଦୀପ ପୋର୍ଟ ବଣିକ ସଙ୍ଘ ର ବରିଷ୍ଠ ସଦସ୍ୟ ତଥା ବଡ ପଡିଆ ମାର୍କେଟ ର ପୁରାତନ ହୋମିଓପାଥି ଡାକ୍ତର ହୃଦାନନ୍ଦ ସାହୁ ଙ୍କ ୮୨ ବୟସରେ ଗତ ସେପ୍ଟେମ୍ବର ୨୪ ତାରିଖରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗ ରେ ବଣିକ ସଂଘ ପକ୍ଷରୁ ଏକ ଶୋକ ସଭା ସଙ୍ଘ ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଅମୀୟ କୁମାର ପାଣି, ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, ଶମ୍ଭୁନାଥ ଖୁଣ୍ଟିଆ, ଶିଶିର କୁମାର ନାୟକ, ତାପସ ପରିଜା, ପ୍ରୀତିରଞ୍ଜନ ମହାପାତ୍ର, ପ୍ରକାଶ ନାୟକ, ଶକ୍ତିକାନ୍ତ ଦାସ, ଜିତେନ୍ଦ୍ର ଦାସ, ସତ୍ୟବ୍ରତ ନାୟକ ଦିନେଶ ସ୍ୱାଇଁ ଙ୍କ ସମେତ ଶତାଧିକ ବ୍ୟବସାୟୀ ଯୋଗଦେଇ ତାଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ତାଙ୍କ ଆତ୍ମାର ସଦଗତି ନିମନ୍ତେ ସମସ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

## ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇଟି ଫି ଆଦାୟକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆପତ୍ତି

ରେଢ଼ାଖୋଲ (ମହାଭାରତ) ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୫ ମସିହାରୁ ଆଇଟି (ଇନ୍ ଫରମେସନ ଟେକ୍ନୋଲୋଜି) କୋର୍ସ ଆରମ୍ଭ ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଏହି କୋର୍ସ ପାଇଁ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଫି ଆଦାୟ କରାଯାଇନଥିବା ବେଳେ, ଗତକାଲି ବିଦ୍ୟାଳୟ ପକ୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଫୋନ୍ କରି ଆଇଟି କୋର୍ସ ବାବଦରେ ପ୍ରତି ଛାତ୍ରଛାତ୍ରୀଙ୍କଠାରୁ ୪,୦୦୦ ଟଙ୍କା ଦେବାକୁ କୁହାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଆଜି କିଛି ଅଭିଭାବକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଫି ଆଦାୟ ସମ୍ପର୍କରେ ନିଜର ଆପତ୍ତି ଓ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ କେଜି ରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ସମ୍ପର୍କରେ ନୀତି ଓ ବ୍ୟବସ୍ଥା ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ, ଆଇଟି କୋର୍ସ ପାଇଁ ଏପରି ଅର୍ଥ ଆଦାୟର ଆବଶ୍ୟକତା ଓ ନିୟମ ସମ୍ପର୍କରେ ଅଭିଭାବକମାନେ ସ୍ପଷ୍ଟୀକରଣ ଦାବି କରିଥିଲେ। ଏହି ପରିସ୍ଥିତିରେ ଆଇଟି କୋର୍ସ କରୁଥିବା ଛାତ୍ରଛାତ୍ରୀମାନେ ଅଧ୍ୟକ୍ଷଙ୍କ ନିକଟରେ ଏକ ଲିଖିତ ଆବେଦନ ଦାଖଲ କରିଛନ୍ତି। ଆବେଦନରେ ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରରୁ ଆସୁଥିବାରୁ ୪,୦୦୦ ଟଙ୍କା ଆଇଟି ଫି ପ୍ରଦାନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ଉଲ୍ଲେଖ କରିଛନ୍ତି। ଏହା ପରିବର୍ତ୍ତେ ସେମାନେ ସର୍ବାଧିକ ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଆଇଟି ଫି ପ୍ରଦାନ କରିପାରିବେ ବୋଲି ଆବେଦନରେ ଜଣାଇଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏହି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟ ନିଷ୍ପତ୍ତି ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପ୍ରତି ସହାନୁଭୂତିଶୀଳ ବିଚାର ଆଶା କରିଛନ୍ତି। ସେହିପରି, ଆଇଟି କୋର୍ସ ପାଇଁ ନିର୍ଦ୍ଧାରିତ ଫି, ଏହାର ଆଧାର ଏବଂ ସମ୍ପୃକ୍ତ ସରକାରୀ ନିର୍ଦ୍ଦେଶନାମା ସମ୍ପର୍କରେ ଅଭିଭାବକମାନଙ୍କୁ ସ୍ପଷ୍ଟ ଭାବରେ ଜଣାଇବାକୁ ମଧ୍ୟ ଦାବି ହୋଇଛି।

## ଓଡ଼ଗାଁ ଏନଏସି ପକ୍ଷରୁ ଏକ ଦିନ ଏକ ଘଣ୍ଟା ଏକ ସାଥ କାର୍ଯ୍ୟକ୍ରମ




ଓଡ଼ାଗାଁ, (ମହାଭାରତ): ଓଡ଼ଗାଁ ଏନଏସିରେ ଗୁରୁବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲି ଗାନ୍ଧୀ ଜୟନ୍ତୀରେ ସମାପ୍ତ ହେବ ।କାର୍ଯ୍ୟକ୍ରମରେ ଓଡ଼ଗାଁ ଏନଏସି ପକ୍ଷରୁ ଏକ ଜନସଚେତନତ ଶୋଭାଯାତ୍ରା ସହିତ ସମୂହ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଂଜନ ବେହେରାଙ୍କ ନେତୃତ୍ୱରେ ଏହି ସଚେତନତା ଶୋଭାଯାତ୍ରା ।ଓଡ଼ଗାଁ ଏଏସି କାର୍ଯ୍ୟାଳୟ ଠାରୁ ବାହାରି ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସଙ୍ଗେସଙ୍ଗେ ପରିବେଶକୁ ସ୍ୱଚ୍ଛରଖିବା ପଲିଥିନ ପ୍ଲାଷ୍ଟିକ ବ୍ୟବହାର କରିବା ନାହିଁ,ଅଳିଆ ଆବର୍ଜନାକୁ ଏଣେତେଣେ ନଫିଙ୍ଗି ଏନଏସି ଦ୍ୱାରା ପ୍ରେରିତ ଆବର୍ଜନା ଗାଡ଼ିରେ ଦେବା, ଖାଦ୍ୟ ପଦାର୍ଥକୁ ଖୋଲାରେ ନରଖି ଘୋଡାଇ ରଖିବା ବା ଆଦି ସ୍ଲୋଗାନ ଦେବାସହ ବସଷ୍ଟାଣ୍ଡ,ପରିବା ମାର୍କେଟ ଓ ରଘୁନାଥ ଜୀଉଙ୍କ ମନ୍ଦିର ରାସ୍ତା ସଫେଇ କାର୍ଯ୍ୟକ୍ରମ କରାଯାଇଥୁଲା ।ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ଅତିରିକ୍ତ ତହସିଲଦାର ଜିଶ୍ରୀନୁ,ଆଦର୍ଶଥାନା ଅଧିକାରୀ ସତ୍ୟ ନାରାୟଣ ବାରିକ,ଖେଳମଣିଷ ଦିବାକର ନାୟକ,ଯୁବସଂଗଠକ ସୁଶାନ୍ତ କୁମାର ସାହୁ,ଜଗନ୍ନାଥ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ନାଗରିକ,ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ,ପର୍ଯ୍ୟବେକ୍ଷକ,ଏନ୍ ଜି ଓ,ପରିମଳଦଳ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ସାନିଟେଶନ ଏକ୍ସପାର୍ଟ ବରଦା ପ୍ରସନ୍ନ।

## ୮୦ ବର୍ଷୀୟା ବୃଦ୍ଧାଙ୍କୁ ଜଙ୍ଗଲକୁ ଟାଣିନେଇ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ କୋର୍ଟ ଚାଲାଣ

ରାଇଘର, (ମହାଭାରତ) ରାଇଘର ଅଞ୍ଚଳରେ ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ଜଙ୍ଗଲ ଭିତରକୁ ଟାଣିନେଇ ଦୁଷ୍କର୍ମ କରାଯାଇଥିବା ନେଇ ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାଟି ରାଇଘର ଥାନା ଅଧୀନ ଖୁଟୁଗାଁ ଜଙ୍ଗଲ ନିକଟରେ ସୋମବାର ସନ୍ଧ୍ୟାରେ ଘଟିଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଚଲାଣପାରା ଗ୍ରାମର ଜଣେ ୮୦ ବର୍ଷୀୟା ବୃଦ୍ଧା ନିଜ ଝିଅଙ୍କ ଘର ଖୁଟୁଗାଁକୁ ଚାଲିଚାଲି ଯାଉଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ସମୟରେ ସେ ଖୁଟୁଗାଁ ଜଙ୍ଗଲ ନିକଟରେ ପହଞ୍ଚିଥିବା ବେଳେ ଜଣେ ବ୍ୟକ୍ତି ତାଙ୍କୁ ଏକୁଟିଆ ଦେଖି ଜଙ୍ଗଲ ଭିତରକୁ ଟାଣିନେଇଥିବା ଅଭିଯୋଗ ହୋଇଛି ।ଏହି ସମୟରେ ଜଙ୍ଗଲ



ଭିତରୁ ବୃଦ୍ଧାଙ୍କ ଚିତ୍କାର ଶୁଣି ରାସ୍ତା ଦେଇ ଯାଉଥିବା କିଛି ଯୁବକ ସନ୍ଦେହ କରି ଜଙ୍ଗଲ ଭିତରକୁ ଯାଇଥିଲେ। ସେଠାରେ ସେମାନେ ଅଭିଯୁକ୍ତଙ୍କୁ କାବୁ କରିବା ସହ ବୃଦ୍ଧାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ପରେ ଘଟଣା ସମ୍ପର୍କରେ ଖୁଟୁଗାଁ ଓ ଚଲାଣପାରା ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣକ କୁରାବେଡ଼ା ପଞ୍ଚାୟତ ଅନ୍ତର୍ଗତ କୋଳିଆପଦର ଗ୍ରାମର ପିଲାରାମ ଗଣ୍ଡ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ହେପାଜତକୁ ନେଇଥିଲା ।ଘଟଣା ପରେ ବୃଦ୍ଧା ଅସୁସ୍ଥ ଓ ଦୁର୍ବଳ ହୋଇପଡ଼ିଥିବାରୁ ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରାଇଘର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ପୀଡ଼ିତାଙ୍କ ପୁଅଙ୍କ ଲିଖିତ ଅଭିଯୋଗ ଆଧାରରେ ରାଇଘର ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।ପୁଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ କେସ୍ ନମ୍ବର ୨୪୭/୨୬ରେ ତାଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।ଘଟଣାକୁ ନେଇ ଅଞ୍ଚଳରେ ଚିନ୍ତା ଓ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ, ମାମଲାରେ ପୁଲିସର ପରବର୍ତ୍ତୀ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ଉପରେ ଏବେ ନଜର ରହିଛି। ମାମଲାର ତଥ୍ୟ ଓ ଅଭିଯୋଗଗୁଡ଼ିକ ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟାରେ ସ୍ପଷ୍ଟ ହେବ।

## ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ୨୦୨୬

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପି ଏମ୍ ଶ୍ରୀ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମାୟା ଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜ୍ଞାନ ନିରୀକ୍ଷକ କ୍ରିଷ୍ଣ। ରାଓ, ଅବସର ପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ସାତ୍ୱିକ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା, ମନୋଜ ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ମଞ୍ଚ ।ସିନ ଥିଲେ ।ଆଜିର ବିଷୟ ଥିଲା ବିଜ୍ଞାନ ଓ ସମାଜ ।ଗଜପତି ଜିଲ୍ଲାର ୭ ଗୋଟି ବ୍ଲକର ୯ ଟି ଦଳ ଆସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀତାରେ ଯେଉଁ ଦଳ ପ୍ରଥମ ହେବ ସେହି ଦଳ ଜୋନାଲ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜୋନାଲ ସ୍ତରରେ ଯେଉଁ ଦଳ ପ୍ରଥମ ହେବେ ସେହି ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ସାତ୍ୱିକ ପଟ୍ଟନାୟକ,ମନୋଜ ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ରହିଥିଲେ।

## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗଜପତି ପକ୍ଷରୁ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୬ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କର ନାମ ପଞ୍ଜୀକରଣ କରାଯିବା ସହ ଯୋଗଗୁରୁଙ୍କ ତତ୍ତ୍ୱାବଧାନରେ ଯୋଗାଭ୍ୟାସ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ବିଭିନ୍ନ ବିଶେଷଜ୍ଞ ଡାକ୍ତର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୫୩ ଜଣ ବରିଷ୍ଠ ନାଗରିକ ଯୋଗଦେଇଥିବା ବେଳେ ୮୨ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ବ୍ରହ୍ମପୁର ଡଃ.ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବିରଞ୍ଚି ବାଗ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି ଶ୍ରୀ ଦୟାମୟ ପାଢୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ପ୍ରଦୀପ କୁମାର ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିନିଧିମାନେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।

## ସ୍ୱତନ୍ତ୍ର ଦକ୍ଷତା ପାଇଁ ଦୁଇ ଭାରପ୍ରାପ୍ତ ଦାୟିତ୍ୱ ରେ ଶ୍ରୀକାନ୍ତ

ଅସ୍ତରଙ୍ଗ, (ମହାଭାରତ) : କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଜଣେ ଦକ୍ଷ ଓ କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ଅଟନ୍ତି କ୍ଷ ତାଙ୍କର ଦକ୍ଷତା ପାଇଁ ସରକାର ତାଙ୍କୁ ଅସ୍ତରଙ୍ଗ ଓ କାକଟପୁର ଭଳି ଦୁଇଟି ବ୍ଲକ ର ଶିକ୍ଷା ଅଧିକାରୀ ଭାବରେ ଭାରପ୍ରାପ୍ତ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଶ୍ରୀଯୁକ୍ତ ସ୍ୱାଇଁ ଙ୍କ ଦାଇତ୍ୱ ଗ୍ରହଣ ପରେ ଦୁଇଟି ବ୍ଲକ ରେ ଶିକ୍ଷକ୍ଷର ମାନ ବୃଦ୍ଧି ପାଇଛି । ଶିକ୍ଷକ ମାନଙ୍କର ସମୟାନୁବର୍ତ୍ତିତକ୍ଷ, ଶିକ୍ଷାଦାନ, ପରିବେଶ ସ୍ୱଛତା ତଥା ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଶିକ୍ଷକ ମକ୍ଷନେ ଦକ୍ଷତାର ସହ ସମ୍ପାଦନ କରୁଛନ୍ତି, ଶିକ୍ଷାଧିକାରୀଙ୍କ ଦକ୍ଷ କାର୍ଯ୍ୟ ପରିଚାଳନା ଯୋଗୁଁ



ଜ?ିଲ୍ଲା ସ୍ତରରେ କାକଟପୁର, ଅସ୍ତରଙ୍ଗ ବ୍ଲକ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି, ଉଦାହରଣ ସ୍ୱରୂପ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମାନ ଭାବେ ରାଜ୍ୟ ରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମନୋନୀତ କରାଯାଇଛି, ଅସ୍ତରଙ୍ଗ କାକଟପୁର ପିଲାମାନେ ଜ?ିଲ୍ଲା ତଥା ରାଜ୍ୟ ସ୍ତୁରରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରି ଦୁଇ ବ୍ଲକ ତଥା ଶିକ୍ଷାଧିକାରୀଙ୍କ ସମାନ ବୃଦ୍ଧି କରିଛନ୍ତି,କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପି ଏମ ଶ୍ରୀ ବିଦ୍ୟାଳୟ କରିବା ତଥା ଦୁଇଟି ବ୍ଲକ ରେ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ଜ?ିଲ୍ଲା ରେ ଶ୍ରୀକାନ୍ତ ସ୍ୱାଇଁ ଙ୍କୁ ଭୂୟସୀ ପ୍ରଶଂସା କରାଯାଇଛି, ବିଗତ ଦିନରେ ପୁରସ୍କାର ସ୍ୱରୂପ ତାଙ୍କୁ ରେଭେନ୍ସା କଲ୍ଲିଜିଅଟେ ଉଚ୍ଚ ବିଦ୍ୟାଳୟ କୁ ବଦଳୀ କରା ହୋଇଥିଲେ ମଧ୍ୟ ଅସ୍ତରଙ୍ଗ କାକଟପୁର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ତଥା ଅଭିଭାବକ ମାନଙ୍କର ଅନୁରୋଧ ରକ୍ଷକ୍ଷକରି ଗଣଶିକ୍ଷା ମନ୍ତ୍ରୀ ତାଙ୍କର ବଦଳି ଆଦେଶ କୁ ବାତିଲକରି ପୁଣି ଥରେ ତାଙ୍କ ହାତରେ ଅସ୍ତରଙ୍ଗ କାକଟପୁର ବ୍ଲକ ଶିକ୍ଷା ରଥର ସାରଥୀ ଦାଇତ୍ୱ ପ୍ରଦାନ କରିଛନ୍ତି । ବଦଳି ବାତିଲ କରିଥିବା ଯୋଗୁଁ ଅସ୍ତରଙ୍ଗ କାକଟପୁର ବ୍ଲକ ର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ବୃନ୍ଦ ଆନନ୍ଦ ପ୍ରକାଶ କରିବା ସହ ମାନ୍ୟବର ମନ୍ତ୍ରୀ ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଖଣ୍ଡସ୍ତରରେ ପାଳିତ

ଉଦଳା (ମହାଭାରତ ): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଆଜି କପ୍ତିପଦା ଉପଖଣ୍ଡସ୍ତରରେ ସ୍ଥାନୀୟ ସନ୍ଧାନ ଗୃହ ଠାରେ ପାଳନ କରାଯାଇଅଛି । ପୂର୍ବ ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁଯାୟୀ ଆଜି ସକାଳ ଘ.୬.୩୦ମିନିଟରେ ସମୟରେ ଯୋଗ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ସରକାରୀ କର୍ମଚାରୀ ସମେତ ଛାତ୍ରଛାତ୍ରୀମାନେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ସରକାରୀ ଯୋଜନାକୁ ନେଇ ଏକ ବରିଷ୍ଠ ନାଗରିକ ସଚେତନତା ରଥ ଉଦଳା ଅଞ୍ଚଳରେ ପରିଭ୍ରମଣ କରିଥିଲା । ପରେ ଉଦଳା ଡ଼ାକ୍ତରଖାନା ପରିସରରେ "ଏକ ପେଡ଼ ମା' କେ ନାମ" କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷ ରୋପଣ କରାଯିବା ସହିତ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ଗୋଟିଏ ଲେଖାଏଁ ଚାରା ନିଜ ଘର ଅଗଣାରେ ଲଗାଇବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯିବା ସହିତ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଉଦଳା ଉପଖଣ୍ଡ ଚିକିତ୍ସା ଅଧିକ୍ଷକ ମୀନକେତନ ମହାନ୍ତି ବରିଷ୍ଠ ନାଗରିକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମାର୍ଗ ଦର୍ଶନ କରିଥିବା ବେଳେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ବରିଷ୍ଠ ନାଗରିକ ସୁରକ୍ଷା ସଚେତନତା ଆଇନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରା, ନଗରପାଳ ପ୍ରମିଳା ପଣ୍ଡା, ଉଦଳା ତହସିଲଦାର ସୁପ୍ରଭା ଦାସ, ଡ଼େପୁଟି କଲେକ୍ଟର ପ୍ରତୀକ ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚନ୍ଦ, ସନ୍ଦୀପ ମହାନ୍ତି, ସ୍ମୃତିବନ୍ୟା ମହାନ୍ତି, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେସନରେ ସମସ୍ତଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦିବଗବାଳା ପରିଡ଼ାଙ୍କ ମାର୍ଗଦର୍ଶନରେ ଓଡ଼ିଶୀ ନୃତ୍ୟ ପରିବେଷଣ, ଭଜନ ସଂଗୀତ କାର୍ଯ୍ୟକ୍ରମ ସମେତ ନାଟକ ପରିବେଷଣ କରାଯାଇଥିଲା । ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ପୃଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ ।

## ସଫେଇ ଓ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେଲେ ବ୍ଲକ କର୍ମଚାରୀ ଓ ସ୍ୱେଚ୍ଛାସେବୀ

ଗଣିଆ,(ମହାଭାରତ):ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅବସରରେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ ସଫେଇ ଓ ସଚେତନତା ଅଭିଯାନ ସଫଳତାର ସହ ଗୁରୁବାର ଦିନ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ପରିବେଶକୁ ପରିଷ୍କାର ଓ ପ୍ରଦୂଷଣମୁକ୍ତ ରଖିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ସ୍ୱଚ୍ଛତା ନେଇ ଆଗ୍ରହ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଶ୍ରମିକମାନେ ସମ୍ପୂର୍ଣ୍ଣ ସୁରକ୍ଷା ପଦକ୍ଷେପ ଆପଣାଇ ପ୍ରତ୍ୟକ୍ଷ ଭାବେ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ସୁରକ୍ଷା ହେଲମେଟ୍, ସେଫ୍ଟି ଜ୍ୟାକେଟ୍, ମାସ୍କ, ଗ୍ଲୋଭ୍ସ ଏବଂ ସେଫ୍ଟି ବୁଟ୍ ପରିଧାନ କରି ସୁରକ୍ଷିତ ଭାବେ ଶ୍ରମଦାନ କରିଥିଲେ । ହାତରେ ଝାଡୁ ଓ ସଫେଇ ସାମଗ୍ରୀ ଧରି କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ବ୍ଲକ କାର୍ଯ୍ୟାଳୟ ପରିସର, ଅଫିସର କ୍ୱାଟର, ସଂଯୋଗକାରୀ ରାସ୍ତାଘାଟ ଏବଂ ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ସଫା ସୁତୁରା କରିଥିଲେ । ଜମା ହୋଇଥିବା ଆବର୍ଜନା ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ନିଷ୍କାସନ କରାଯିବା ସହ ପରିବେଶକୁ ସ୍ୱଚ୍ଛ ରଖିବାର ଦୃଢ଼ ସନ୍ଦେଶ ଦିଆଯାଇଥିଲା । ଏହି ଅଭିଯାନରେ ଜିପିଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଡବ୍ଲୁଓ ସମୀର ସାହୁ, ବିଆରସି ସୁରଜ ନାୟକ, ଏପିଓ ବିଭୁ ପ୍ରସାଦ ସାଥୁଆ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମୟଲ ମଲ୍ଲିକଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ସମସ୍ତେ 'ସ୍ୱଚ୍ଛତା ହିଁ ସେବା'ର ବ୍ୟାନର ଓ ପୋଷ୍ଟର ଧରି ସାଧାରଣ ଜନତାଙ୍କୁ ନିଜ ନିଜର ଆଖପାଖ ଅଞ୍ଚଳ ସଫା ରଖିବାକୁ ଅନୁରୋଧ କରିଥିଲେ । ନିଜର ବାସସ୍ଥାନ ଓ କର୍ମକ୍ଷେତ୍ରକୁ ପରିଷ୍କାର ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ଆହ୍ୱାନ କରିଥିଲେ ।

## ଆନ୍ତର୍ଜାତୀୟ ବରିଷ୍ଠ ବନାଗରିକ ଦିବସ ପାଳନ



କାରଞ୍ଜିଆ, ( ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପରିସର ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧ ତାରିଖ ଦିନ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି ।ଏହି ଅବସର ରେ ଠାକୁରମୁଣ୍ଡା ବ୍ଲକ ବରିଷ୍ଠ ନାଗରିକ ସଙ୍ଘ ର ସଦସ୍ୟ ମାନଙ୍କୁ ନେଇ ସକାଳେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ ।ଏଥି ସହିତ ସଦସ୍ୟ ମାନେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ କରିଥିଲେ ।ଏହି ଅବସର ରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅପରାହ୍ନ ରେ ବ୍ଲକ କାର୍ଯ୍ୟାଳୟ ର ସଭା ଗୃହ ରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଙ୍କ ସଭାପତିତ୍ୱ ରେ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ,ସାଂସଦ ଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ସରକାରୀ ଆଇନଜୀବୀ ବିକ୍ରମ କୁମାର ଦତ୍ତ,ଠାକୁରମୁଣ୍ଡା ବ୍ଲକ ବରିଷ୍ଠ ନାଗରିକ କମିଟି ର ସଭାପତି ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।ବରିଷ୍ଠ ନାଗରିକ ମାନେ ହେଉଛନ୍ତି ଅମୂଲ୍ୟ ସମ୍ପଦ ।ସେମାନଙ୍କ ତ୍ୟାଗ,ତପସ୍ୟା, ମାର୍ଗଦର୍ଶନ ରେ ଆମେ ଆଜିର ସ୍ଥିତିରେ ପହଞ୍ଚି ଛନ୍ତି ।ଆଜିର ଯୁବକ କାଲି ର ବରିଷ୍ଠ ନାଗରିକ ହେବେ ସେଥିପାଇଁ ବରିଷ୍ଠ ନଗରିକ ମାନଙ୍କ ପରିବାରିକ ଅବହେଳା, ସ୍ୱାସ୍ଥ୍ୟ ସମସ୍ୟା, ଏକାକୀପଣ ର ଶିକାର ହେଉଛନ୍ତି ।ସେଥିପାଇଁ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏଥି ସହିତ ବରିଷ୍ଠ ନାଗରିକ ମାନେ ପାଉଥିବା ସରକାରୀ ସୁବିଧା ଓ ଆଇନଗତ ସୁବିଧା ସମ୍ପର୍କରେ ଅତିଥି ମାନେ ଅବଗତ କରାଇଥିଲେ ।ଏହି ଅବସର ରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ମାନେ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ ।ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ପରିସର ରେ ହୋଇ ଯାଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରୀ ଅଷ୍ଟମ ଶ୍ରେଣୀ ର ବେଲ ହୋ ପ୍ରଥମ ସ୍ଥାନ, ଦୀପ୍ତିମୟୀ ହାନ୍ସଦା ସପ୍ତମ ଶ୍ରେଣୀ -୨ୟ ସ୍ଥାନ, ଓ ସୁମିତ୍ରା ପୁର୍ତ୍ତି ଷଷ୍ଠ ଶ୍ରେଣୀ ୩ ୟ ସ୍ଥାନ ଅଧିକାର କରିଥିଲେ ।ଏହି ଅବସର ରେ ସେମାନଙ୍କୁ ସାର୍ଟିଫିକେଟ ଓ କପ ଦେଇ ଅତିଥି ମାନେ ପୁରସ୍କୃତ କରିଥିଲେ ।

## ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରାମଗିରି



ରା.ଉଦୟଗିରି,(ମହାଭାରତ): ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଗ୍ରାମାଞ୍ଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ଅଧିକାରୀଙ୍କ ଅବହେଳା ଓ ଲୋକଙ୍କ ଅସଚେତନତା ଯୋଗୁ ଅନେକ ସ୍ଥାନରେ ଏହି ଯୋଜନାର ଉଦ୍ଦେଶ୍ୟ ବାସ୍ତବ ରୂପ ନେଇପାରୁନାହିଁ। ଏଭଳି ଏକ ଚିତ୍ର ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ରାମଗିରି ମୁଖ୍ୟ ବଜାରରେ ଦେଖିବାକୁ ମିଳିଛି । ରାମଗିରି ବଜାର ଉପରେ ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଦୈନନ୍ଦିନ ନିର୍ଭର କରିଥାନ୍ତି । ଏହା ସହ ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ରହିଛି । ହେଲେ ରାମଗିରି ହାଟପଦା, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ଧରି କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି । ଫଳରେ ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ଧରି ଆବର୍ଜନା ଜମି ରହିବା ଯୋଗୁ ଅଞ୍ଚଳରେ ସଂକ୍ରମଣଜନିତ ରୋଗ ବ୍ୟାପିବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସବୁଠାରୁ ଦୁଃଖର ବିଷୟ, ଏହି ରାସ୍ତା ଦେଇ ପ୍ରତିଦିନ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ଯାତାୟାତ କରୁଥିଲେ ମଧ୍ୟ ଏହି ସମସ୍ୟା କାହିଁକି ସେମାନଙ୍କ ଦୃଷ୍ଟିଗୋଚର ହେଉନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି । ଏନେଇ ରାମଗିରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, ଉକ୍ତ ସ୍ଥାନରେ ଏକ ବଡ଼ ଆବର୍ଜନା ସଂଗ୍ରହ କୁଣ୍ଡ ନିର୍ମାଣ କରାଯାଇଛି । ହେଲେ ଲୋକେ ଏହାର ସଠିକ୍ ବ୍ୟବହାର କରୁନଥିବାରୁ ଏଭଳି ସମସ୍ୟା ଉପୁଜିଛି । ଯଥାଶୀଘ୍ର ଉକ୍ତ ସ୍ଥାନକୁ ଆବର୍ଜନାମୁକ୍ତ କରାଯିବା ସହ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି । ତେବେ ପ୍ରଶାସନର ପ୍ରତିଶ୍ରୁତି କେତେ ଶୀଘ୍ର କାର୍ଯ୍ୟକାରୀ ହେଉଛି, ଏବଂ ରାମଗିରି ବଜାର କେବେ ଆବର୍ଜନାମୁକ୍ତ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବେଳାଭୂମି ସଫେଇ ସହ ବୃକ୍ଷରୋପଣ



ପାରାଦୀପର (ମହାଭାରତ) 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅବସରରେ ବେଳାଭୂମି ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆରବିଓ ର ମୁଖ୍ୟ ଶାଖା ପରିଚାଳକ ପିୟୁଷ ରଞ୍ଜନ ସ୍ୱାଇଁ, ଜନକଲ୍ୟାଣ ଶାଖାର ସଂଯୋଜକ ଶକ୍ତି ପତି, ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର ବିଶ୍ୱାଳ ଓ ସମ୍ପାଦକ ତଥା ପରିବେଶବିତ୍ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ସ୍ୱଚ୍ଛତା ହିଁ ସେବା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଭାରତର ଆହ୍ୱାନର ଏକ ଅଂଶ, ଯାହାକୁ ଆଜି ସାରା ବିଶ୍ୱ ଅନୁସରଣ କରୁଛି । ସମାଜରେ ଯେପର୍ଯ୍ୟନ୍ତ ଲୋକମାନେ ଅସଚେତନ ଭାବେ ଆବର୍ଜନା ପକାଇବେ, ସେପର୍ଯ୍ୟନ୍ତ ପରିବେଶ ଦୂଷିତ ହେବ । ତେଣୁ ନିଜ ଚାରିପାଖକୁ ସ୍ୱଚ୍ଛ ରଖିବା ସହ ପରିବେଶ ପ୍ରତି ଯତ୍ନବାନ ହେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଫାଉଣ୍ଡେସନର ସମ୍ପାଦକ ତଥା ପରିବେଶବିତ୍ ଇଂ.ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଏହି ଅବସରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା ।

## କେନ୍ଦୁଭଟାରେ ତ୍ରିଦିବସୀୟ ତାଲିମଦାତାଙ୍କ ତାଲିମ କାର୍ଯ୍ୟକ୍ରମ




**ବରଗଡ଼ ,:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କେନ୍ଦୁଭଟାସ୍ଥିତ ଦେବଦତ୍ତ କ୍ଲବ ତାଲିମ ଗୃହରେ ତ୍ରିଦିବସୀୟ ତାଲିମଦାତାଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିମ ପ୍ରେମଜୀ ଫାଉଣ୍ଡେସନର ସହଯୋଗରେ ଦେବଦତ୍ତ କ୍ଲବ ମାଧ୍ୟମରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଡାଙ୍ଗବାହାଲ ଗ୍ରାମପଞ୍ଚାୟତର ଗୁଞ୍ଜାଡିହି, ଗଡ଼ିଆଜୋର, ପଣ୍ଡରିପାଣି ଓ ସାରଥୀମୁଣ୍ଡା ଗ୍ରାମରେ ଚାଲୁଥିବା 'ଶିଳା' ପ୍ରକଳ୍ପର କର୍ମୀମାନଙ୍କୁ ନେଇ ଏହି ତାଲିମ ଆୟୋଜିତ ହୋଇଥିଲା ।ତିନିଦିନ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଗ୍ରାମୀଣ ଅଞ୍ଚଳରେ ଗୋଷ୍ଠୀ ସଂଗଠନ, ଦସ୍ତାବିଜୀକରଣ, ଯୋଗାଯୋଗ, ଜଳ ପରିଚାଳନା, କୃଷି ଯୋଜନା, ଯୋଜନାର କାର୍ଯ୍ୟକାରିତା ଏବଂ ପ୍ରାକୃତିକ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଥମ ଦିବସରେ ତାଲିମଦାତା ନନ୍ଦକିଶୋର ଷାଣ୍ଢ ଗୋଷ୍ଠୀ ସଂଗଠନ, ଦସ୍ତାବିଜୀକରଣ ଓ ଯୋଗାଯୋଗ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ । ଗ୍ରାମସ୍ତରରେ ଲୋକଙ୍କୁ ଏକାଠି କରିବା, ସମୂହ ଭାବନାର ବିକାଶ, କାର୍ଯ୍ୟକୁ ସୁସଂଗଠିତ କରିବା ସହ ତଥ୍ୟ ଓ କାର୍ଯ୍ୟକଳାପର ସଠିକ ଦସ୍ତାବିଜୀକରଣ ଉପରେ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ଦିବସରେ ତାଲିମଦାତା ବିରଞ୍ଚି ନାରାୟଣ ମହାପାତ୍ର ଜଳ ପରିଚାଳନା, କୃଷି ଯୋଜନା ଓ ଏହାର ସଠିକ କାର୍ଯ୍ୟକାରିତା ସମ୍ପର୍କରେ ତାଲିମ ଦେଇଥିଲେ । ଜଳ ସମ୍ପଦର ସୁଚିନ୍ତିତ ବ୍ୟବହାର, କୃଷିକ୍ଷେତ୍ରରେ ଯୋଜନାବଦ୍ଧ ପଦକ୍ଷେପ ଏବଂ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ କୃଷି ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ତୃତୀୟ ଦିବସରେ ତାଲିମଦାତା ଅଭୟ ଚନ୍ଦ୍ର ତ୍ରିପାଠୀ ପ୍ରାକୃତିକ କୃଷି ଉପରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ରାସାୟନିକ ନିର୍ଭରତା କମାଇ ପ୍ରାକୃତିକ ଉପାୟରେ କୃଷିକୁ ଅଧିକ ସୁସ୍ଥାୟୀ କରିବା, ମାଟିର ଉର୍ବରତା ରକ୍ଷା ଏବଂ କୃଷକଙ୍କ ମଧ୍ୟରେ ପ୍ରାକୃତିକ କୃଷି ପ୍ରତି ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା । 'ଶିଳା' ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ସମୁଦାୟ ସଂଗଠନ, ଜୀବିକା, କୃଷି ଓ ପ୍ରାକୃତିକ ସମ୍ପଦ ପରିଚାଳନା ଭଳି କ୍ଷେତ୍ରରେ କାର୍ଯ୍ୟକରାଯାଉଥିବା ବେଳେ ଏହି ତାଲିମ କର୍ମୀମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଥିଲା ।

## ଅନ୍ତର୍ଜାତୀୟ ମଞ୍ଚରେ ବିଶ୍ୱାଳିର ଯୁବ ପ୍ରତିଭା ଧନୋଜ ଓ ସୌମ୍ୟଙ୍କୁ ନାଟ୍ୟ କଳା ଶ୍ରୀ ସମ୍ମାନ




ପାରାଦୀପ(ମହାଭାରତ): ପାରାଦୀପ ଉପକଣ୍ଠ ସ୍ଥିତ ବିଶ୍ୱାଳି ଗ୍ରାମର ଯୁବ ଅଭିନେତା ଧନୋଜ କୁମାର ବେହେରା ଓ ସୌମ୍ୟରଞ୍ଜନ ସିଂହ ଙ୍କୁ 'ଇଣ୍ଟରନ୍ୟାସନାଲ ନାଟ୍ୟ କଳା ଶ୍ରୀ ସମ୍ମାନ' ପ୍ରଦାନ କରାଯାଇଛି । ପୁରୀର ଅନ୍ନପୂର୍ଣ୍ଣା 'ଏ' ଥିଏଟର ହଲ୍‌ରେ ଆୟୋଜିତ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍ ୨୦୨୬ର ୩୪ତମ ଅନ୍ତର୍ଜାତୀୟ ଡ୍ରାମା, ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଆ ନାଟକର ପ୍ରଚାର, ପ୍ରସାର ଓ ଲୋକପ୍ରିୟତା ସହିତ ଧନୋଜଙ୍କ ଅଭିନୟ ଏବଂ ନାଟ୍ୟକଳା କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ସମ୍ମାନଫଳକ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱରର ତରଙ୍ଗ ଥିଏଟର ସହ ଜଡ଼ିତ ଧନୋଜଙ୍କ ଏହି ସଫଳତାକୁ ନେଇ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ 'ରହସ୍ୟ' ପରିବାର ପକ୍ଷରୁ ଏକ ମୁକ୍ତମଞ୍ଚ ନାଟକ ପରିବେଷଣ କରାଯାଇଥିଲା । ବିଶ୍ୱାଳି ଅଞ୍ଚଳର ଯୁବ ଅଭିନେତା ସୌମ୍ୟରଞ୍ଜନ ସିଂହ ଓ ଧନୋଜ କୁମାର ବେହେରା 'ରହସ୍ୟ' ନାଟକରେ ମୁଖ୍ୟ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ଏହା ସହିତ ତରଙ୍ଗ ପରିବାର ପକ୍ଷରୁ ମେଗା ମୁକ୍ତମଞ୍ଚ ନାଟ୍ୟ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ୩୦ରୁ ଅଧିକ ନାଟ୍ୟ ପରିବାର ଯୋଗଦେଇ ବିଭିନ୍ନ ନାଟକ ପରିବେଷଣ କରିଥିଲେ । ନାଟ୍ୟକଳା କ୍ଷେତ୍ରରେ ଅବଦାନ ପାଇଁ 'ରହସ୍ୟ' ମୁକ୍ତମଞ୍ଚ ନାଟ୍ୟ ପରିବାରକୁ କଳା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ବିଶ୍ୱାଳି ଗ୍ରାମର ଅନ୍ୟତମ ଯୁବ ପ୍ରତିଭା ସୌମ୍ୟରଞ୍ଜନ ସିଂହ ବିଭିନ୍ନ ନାଟ୍ୟ ସଂସ୍ଥା ସହ ଜଡ଼ିତ ରହି ଗ୍ରାମାଞ୍ଚଳର ମୁକ୍ତମଞ୍ଚ ନାଟକରେ ଅଭିନୟ କରିବା ସହ ୩୦ରୁ ଊର୍ଦ୍ଧ୍ୱ ଆଲବମ୍ ଓ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ନାଟ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ ଉଭୟ ଯୁବ କଳାକାରଙ୍କ ସଫଳତାକୁ ନେଇ ନାଟ୍ୟପ୍ରେମୀ ଓ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇଛନ୍ତି ।

## ପୋଖରୀରେ ବୁଡି ଯୁବକ ମୃତ

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କଦଳୀଗଡ ପଞ୍ଚାୟତ ସାମସିଙ୍ଗା ଗାଁ ସୁରସିଆ ବନ୍ଧ ପୋଖରୀରେ ବୁଡି ଜଣଙ୍କ ମୃତ ହୋଇଛି । ମୃତ ହୋଇଥିବା ବ୍ୟକ୍ତି ଜଣକ ହେଲେ ସାମସିଙ୍ଗା ଗ୍ରାମର ବୁଧୁ ବିଶି (୪୨ ) ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ ଗୁରୁବାର ଦିନବେଳେ ବ୍ୟକ୍ତି ଜଣକ କୌଣସି କାମ ସାରି ପୋଖରୀ କୁ ଗାଧୋଇ ଯାଇଥିବା ବେଳେ ପୋଖରୀ ର ଗଭିର ପାଣି ଭୀତରକୁ ପଶିଯାଇଥିବା ହେତୁ ଗଭୀର ପାଣିରେ ବୁଡି ମୃତ୍ୟୁ ହୋଇଥିଲା । ଖବର ଜାଣିବା ପରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀ ଭିତରେ ପଶି ମୃତ ଶବକୁ ଠାବ କରି ଉଦ୍ଧାର କରିଥିଲେ । ଏନେଇ ଘଟଣା ସ୍ଥଳରେ ରେଢ଼ାଖୋଲ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପଟେ ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ସୂଚନା ଦେଇଛି ।

## ଡେରାବିଶ ଅଞ୍ଚଳକୁ ବନ୍ୟା ପ୍ରଭାବିତ ଅଞ୍ଚଳ ଘୋଷଣା ଦାବି

**କେନ୍ଦ୍ରାପଡ଼ା,:** ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ ସଂଘର ସ୍ଥାୟୀ ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଶିକ୍ଷକ ସଙ୍ଘର ବରିଷ୍ଠ ନେତା ଅବନୀ କୁମାର ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅର୍ଣ୍ଣବ ବାତ୍ୟା ଓ ପ୍ରବଳ ବର୍ଷାରେ ଡେରାବିଶ ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ବ୍ୟାପକ ଭାବେ ଫସଲ ନଷ୍ଟ ହୋଇଯାଇଛି । ପ୍ରଥମ ବନ୍ୟାରେ ଫସଲ ନଷ୍ଟ ହୋଇଥିଲେ ମଧ୍ୟ ଚାଷୀମାନେ ଦ୍ୱିତୀୟବାର ବହୁ ପରିଶ୍ରମ କରି ଜମିରେ ଧାନ ସହିତ ଅନ୍ୟ ଫସଲ କରିଥିଲେ । ମାତ୍ର ପ୍ରବଳ ବର୍ଷା ଫଳରେ ସେହି ଫସାଲ ସବୁ ନଷ୍ଟ ହୋଇଯିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି । ବନ୍ୟାରୁ ବର୍ତ୍ତିଯାଇଥିବା କିଛି ଫସଲ ବୁଲା ଷଣ୍ଢ ଓ ମାଙ୍କଡଙ୍କ ଉପଦ୍ରବରେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସରକାରଙ୍କ ପକ୍ଷରୁ ଗୋଶାଳା ପ୍ରତିଷ୍ଠା କରାଯାଇ ଷଣ୍ଢମାନଙ୍କୁ ଆୟତ୍ତ କରାଯିବାକୁ ନିବେଦନ କରାଯାଇଛି । ଏଭଳି ଭାବେ ଫସଲ ନଷ୍ଟ ହୋଇଯାଇଥିବାରୁ ଡେରାବିଶ ଅଞ୍ଚଳକୁ ବନ୍ୟାଞ୍ଚଳ ଭାବେ ଘୋଷଣା କରାଯାଇ ଚାଷୀମାନଙ୍କୁ ରବି ଚାଷ ପାଇଁ ମାଗଣାରେ ସାର, ବିହନ ପ୍ରଭୃତି ଯୋଗାଇ ଦିଆଯିବାକୁ ନିବେଦନ କରାଯାଇଛି ।

## ଦେଶ ଗଢ଼ିବାରେ ବରିଷ୍ଠମାନେ ସମାଜର ମାର୍ଗଦର୍ଶକ



ଗଣିଆ, (ମହାଭାରତ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଗୁରୁବାର ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଝୁନା ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍ ?ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ମୂଳଦୁଆ ଓ ପ୍ରକୃତ ମାର୍ଗଦର୍ଶକ । ସେମାନଙ୍କ ଅଭିଜ୍ଞତା ଓ ଆଶୀର୍ବାଦ ବିନା ଏକ ସୁସ୍ଥ ସମାଜ ଗଠନ ଅସମ୍ଭବ । ବୟସର ଅପରାହ୍ନରେ ସେମାନଙ୍କୁ ଉପଯୁକ୍ତ ଯତ୍ନ ଓ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ । ଏହି ଅବସରରେ କିଶୋରପ୍ରସାଦ ଗ୍ରାମର ୧୦୫ ବର୍ଷୀୟ ବରିଷ୍ଠ ନାଗରିକ ବିଦ୍ୟାଧର ରାଉତଙ୍କୁ ମଞ୍ଚରେ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ତାଙ୍କ ପାଦ ଛୁଇଁ ଆଶୀର୍ବାଦ ଭିକ୍ଷା କରିବା ସହ ତାଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର ଯୋଗଦେଇ କହିଥିଲେ, ବାର୍ଦ୍ଧକ୍ୟ କୌଣସି ଦୁର୍ବଳତା ନୁହେଁ, ବରଂ ଏହା ଜୀବନର ଅନୁଭୂତି ଓ ଜ୍ଞାନର ପରିପକ୍ୱତା । ସେହିପରି ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତି ସଭ୍ୟ ଫକୀର ମୋହନ ଡାକୁଆ ଉପସ୍ଥିତ ରହି ଗ୍ରାମାଞ୍ଚଳର ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ ପହଞ୍ଚାଇବା ପାଇଁ ପଞ୍ଚାୟତ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା ଯୋଗଦେଇ ଆଜିର ଯୁବପିଢ଼ି ନିଜ ଘରର ବୟୋଜ୍ୟେଷ୍ଠ ସଦସ୍ୟଙ୍କ ସହ ସମୟ ବିତାଇବା ଏବଂ ସେମାନଙ୍କ ନୈତିକ ମୂଲ୍ୟବୋଧକୁ ଆପଣାଇବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍.ଆଇ. ଶ୍ୟାମସୁନ୍ଦର ପ୍ରଧାନ ଓ ବ୍ଲକ କର୍ମଚାରୀ ଶ୍ରୀ ଅକ୍ରୂର ଜାନି ମଧ୍ୟ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଏହି ସମାରୋହରେ ଯୋଗଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର ସୁଚାରୁ ରୂପେ ସଂଯୋଜନା ଓ ପରିଚାଳନା କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ ହୋଇଥିଲା ।

## ଗଣିଆ ବ୍ଲକ କଲୋନୀ ରାସ୍ତା ପାର୍ଶ୍ୱରେ ବିପଦ ସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ

ଗଣିଆ,(ମହାଭାରତ): ଗଣିଆ ବ୍ଲକ କଲୋନୀ ପରିସର ମୁଖ୍ୟ ରାସ୍ତା କଡ଼ରେ ଏକ ବିରାଟ ଶୁଖିଲା ଗଛ ଦୀର୍ଘ ଦିନ ହେବ ବିପଦ ସଙ୍କୁଳ ଅବସ୍ଥାରେ ଛିଡ଼ା ହୋଇ ରହିଛି । ଗଛଟି ସମ୍ପୂର୍ଣ୍ଣ ଶୁଖିଯାଇ ଡାଳଗୁଡ଼ିକ ଭାଙ୍ଗି ପଡ଼ିବା ଅବସ୍ଥାରେ ଥିବାରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଏହି ରାସ୍ତା ଦେଇ ପ୍ରତିଦିନ ସ୍ଥାନୀୟ ବାସିନ୍ଦା, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯାତାୟାତ କରୁଛନ୍ତି ଏବଂ ଗଛ ତଳେ ଦୋକାନ ରହିଛି । ବର୍ତ୍ତମାନ ପବନ କିମ୍ବା ଝଡ଼ବର୍ଷା ହେଲେ ଶୁଖିଲା ଡାଳ ଭାଙ୍ଗି ଲୋକଙ୍କ ଉପରେ ପଡ଼ି ଜୀବନହାନି ହେବାର ଭୟ ରହିଛି । ଏହି ବିପଜ୍ଜନକ ଗଛଟିକୁ ତୁରନ୍ତ କାଟି ହଟାଇବା ପାଇଁ ସ୍ଥାନୀୟ ବାସିନ୍ଦା ବ୍ଲକ ପ୍ରଶାସନ ଓ ବନ ବିଭାଗ ନିକଟରେ ଦାବି କରିଛନ୍ତି । ଯଦି ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

# ଟ୍ରାଫିକ୍ ଚାଲାଣ ବକେୟା ଥିଲେ ଗାଡ଼ିର ଆର୍‌ସି, ଲାଇସେନ୍ସ ନବୀକରଣ ବନ୍ଦ



ନୂଆଦିଲ୍ଲୀ: ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଇ-ଚାଲାଣ ଜରିମାନା ଦେଇନଥିବା ଗାଡ଼ି ମାଲିକଙ୍କ ପାଇଁ ସୁପ୍ରିମ୍‌କୋର୍ଟ ଗୁରୁବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବକେୟା ଟ୍ରାଫିକ୍ ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ନବୀକରଣ, ଡୁପ୍ଲିକେଟ୍ ଆରସି ଜାରି, ମାଲିକାନା ହସ୍ତାନ୍ତର, ଫିଟ୍‌ନେସ୍ ପ୍ରମାଣପତ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) ଜାରି ଉପରେ କଟକଣା ଲଗାଇବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କହିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ବକେୟା ଇ-ଚାଲାଣ ଥିବା ଗାଡ଼ିଗୁଡ଼ିକୁ କେନ୍ଦ୍ରୀୟ 'ପରିବହନ' ପୋର୍ଟାଲରେ ବ୍ଲାକ୍‌ଲିଷ୍ଟ କରାଯିବ। ଫଳରେ ବକେୟା ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ସେହି ଗାଡ଼ି ବିକ୍ରି କିମ୍ବା ମାଲିକାନା ହସ୍ତାନ୍ତର କରିବାରେ ମଧ୍ୟ ସମସ୍ୟା ହେବ। ଏହାଛଡ଼ା ଗାଡ଼ିର ମାଲିକଙ୍କ ଠିକଣା ପରିବର୍ତ୍ତନ ଭଳି ଅନ୍ୟ କେତେକ ଅନ୍‌ଲାଇନ୍ ସେବା ମଧ୍ୟ ଅଟକାଇବାକୁ କୋର୍ଟ କହିଛନ୍ତି। ଏକାଧିକ ଥର ଟ୍ରାଫିକ୍ ନିୟମ ଭାଙ୍ଗିଥିବା ମାମଲାରେ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ନ କରିବା ସହ ଚାଲୁ ଲାଇସେନ୍ସକୁ ମଧ୍ୟ ସ୍ଥଗିତ କରିବା ପାଇଁ ପଦକ୍ଷେପ ନେବାକୁ ଖଣ୍ଡପୀଠ କହିଛନ୍ତି। ବକେୟା ଜରିମାନା ସମ୍ପୂର୍ଣ୍ଣ ପୈଠ ନ ହେବା ପର୍ଯ୍ୟନ୍ତ କୌଣସି କେନ୍ଦ୍ର ପିୟୁସି (ପ୍ରଦୂଷଣ ନିୟନ୍ତ୍ରଣ) ପ୍ରମାଣପତ୍ର ଜାରି କରିପାରିବ ନାହିଁ ବୋଲି ମଧ୍ୟ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି।

କୋର୍ଟଙ୍କୁ ଦିଆଯାଇଥିବା ତଥ୍ୟ ଅନୁସାରେ, ଦେଶରେ ଜାରି ହୋଇଥିବା ଇ-ଚାଲାଣରେ ପ୍ରାୟ ୪୯,୧୯୪.୦୫ କୋଟି ଟଙ୍କା ଜରିମାନା ବକେୟା ରହିଥିଲା। ଏଥିରୁ ୨୬,୧୭୫.୦୫ କୋଟି ଟଙ୍କା ଆଦାୟ ହୋଇଛି। ଅର୍ଥାତ୍ ପ୍ରାୟ ୨୩,୦୧୯ କୋଟି ଟଙ୍କା ଏବେ ବି ଆଦାୟ ହୋଇନାହିଁ। କେବଳ ଇ-ଚାଲାଣ ଜାରି କରିଦେଲେ ରାସ୍ତା ସୁରକ୍ଷା ନିୟମର ପ୍ରଭାବୀ କାର୍ଯ୍ୟକାରିତା ହେବନାହିଁ, ଜରିମାନା ଆଦାୟ ମଧ୍ୟ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ନିର୍ଦ୍ଦେଶ ୨୦୧୨ରୁ ଚାଲିଥିବା ଏକ ରାସ୍ତା ସୁରକ୍ଷା ମାମଲାର ଶୁଣାଣି ସମୟରେ ଆସିଛି। 'ଏସ୍. ରାଜଶେଖରନ୍ ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ' ମାମଲାରେ ସୁପ୍ରିମ୍‌କୋର୍ଟ ପ୍ରାୟ ୧୪ ବର୍ଷ ଧରି ମୋଟର ଯାନ ଆଇନ ଓ କେନ୍ଦ୍ରୀୟ ମୋଟର ଯାନ ନିୟମର କାର୍ଯ୍ୟକାରିତା ଉପରେ ନଜର ରଖିଆସୁଛନ୍ତି। ଗୁରୁବାରର ଶୁଣାଣିରେ କୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଇ-ନିରୀକ୍ଷଣ ଓ ଇ-କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମାନକ ପ୍ରକ୍ରିୟା ଲାଗୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସ୍ପିଡ୍ କ୍ୟାମେରା, ସିସିଟିଭି ଓ ସ୍ପିଡ୍ ଗନ୍ ଭଳି ଉପକରଣର ବ୍ୟବହାର ବଢ଼ାଇବା, ଇ-ନିରୀକ୍ଷଣ ସ୍ଥାନ ଚିହ୍ନଟ କରିବା ଓ ଉପକରଣ କିଣି ଲଗାଇବାକୁ କୁହାଯାଇଛି। ଇ-ଚାଲାଣ ଦେଇ ଦାୟିତ୍ୱ ଶେଷ ନକରି ବକେୟା ଚାଲାଣ ଥିବା ଗାଡ଼ିର ରାସ୍ତାରେ ଯାଞ୍ଚ କରିବାକୁ ମଧ୍ୟ କୁହାଯାଇଛି। ଏପରି ଗାଡ଼ି ଧରାପଡ଼ିଲେ ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରିବା ପାଇଁ ପଦକ୍ଷେପ ନିଆଯିବ। ରିପୋର୍ଟ ଅନୁସାରେ, ଦେଶରେ ଟ୍ରାଫିକ୍ ଚାଲାଣ ସଂଖ୍ୟା ୨୦୨୧ରେ ୪.୨ କୋଟି ଥିବାବେଳେ ୨୦୨୫ରେ ୯.୬ କୋଟିକୁ ବଢ଼ିଛି। ୨୦୨୬ର ପ୍ରଥମ ୯ ମାସରେ ଏହା ୭.୮ କୋଟିରେ ପହଞ୍ଚିଛି। ଏହି ସମୟରେ ବକେୟା ଚାଲାଣର ଅନୁପାତ ମଧ୍ୟ ବଢ଼ିଛି।

## ୨୦୦୮ ଅହମଦାବାଦ ବିସ୍ଫୋରଣ: ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ୨୦୦୮ ଅହମଦାବାଦ ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ଇଣ୍ଡିଆନ୍ ମୁଜାହିଦିନ୍‌ର ଆତଙ୍କବାଦୀ ଅହମଦ ବାୱା ଓରଫ୍ ଅବ୍ଦୁ ଅବୁବକର ବରେଲଭିର ମୃତ୍ୟୁଦଣ୍ଡ ଉପରେ ଗୁରୁବାର ରୋକ ଲଗାଇଛନ୍ତି ସୁପ୍ରିମ୍‌କୋର୍ଟ। ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଏ.ଜି. ମସିହ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଏହି ମାମଲାରେ ଗୁଜରାଟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଟ୍ରାଏଲ୍ କୋର୍ଟର ମୂଳ ରେକର୍ଡ ମାଗିଛନ୍ତି। ବରେଲଭି ଗୁଜରାଟ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲା।

୨୦୦୮ ଜୁଲାଇ ୨୬ରେ ଅହମଦାବାଦର ବିଭିନ୍ନ ସ୍ଥାନରେ ୭୦ ମିନିଟ୍ ମଧ୍ୟରେ ୨୧ଟି ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବା ହସ୍ପିଟାଲ୍‌ଗୁଡ଼ିକରେ ମଧ୍ୟ ବିସ୍ଫୋରଣ ଘଟିଥିଲା। ଭାରତରେ ଆତଙ୍କବାଦୀ ଆକ୍ରମଣ ସମୟରେ ଚିକିତ୍ସାଳୟକୁ ଟାର୍ଗେଟ୍ କରାଯିବାର ଏହା ପ୍ରଥମ ଘଟଣା ବୋଲି ମାମଲାର ରେକର୍ଡରେ ଉଲ୍ଲେଖ ରହିଛି। ଏହି ମାମଲାରେ ୩୫ଟି ପୁଲିସ୍ ମାମଲାକୁ ଏକାଠି କରାଯାଇଥିଲା। ଏଥିରୁ ୨୦ଟି ଏଫ୍‌ଆଇଆର୍ ଅହମଦାବାଦ ବିସ୍ଫୋରଣ ସହ ଏବଂ ୧୫ଟି ସୁରତରୁ ମିଳିଥିବା ଅଫୁଟା ବୋମା ସହ ସମ୍ପର୍କିତ ଥିଲା। ମୋଟ ୭୮ ଜଣଙ୍କ ବିରୋଧରେ ବିଚାର ହୋଇଥିବାବେଳେ ୪୯ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୨ ଫେବ୍ରୁଆରିରେ ସ୍ୱତନ୍ତ୍ର ଅଦାଲତ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। ଅନ୍ୟ ୨୮ ଜଣ ଅଭିଯୁକ୍ତ ମୁକ୍ତ ହୋଇଥିଲେ। ଏକକ ମାମଲାରେ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବା ଦେଶର ନ୍ୟାୟିକ ଇତିହାସରେ ଏପର୍ଯ୍ୟନ୍ତ ସର୍ବାଧିକ ଥିଲା। ଚଳିତ ବର୍ଷ ଜୁଲାଇ ୭ରେ ଗୁଜରାଟ ହାଇକୋର୍ଟ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ କାଏମ୍ ରଖି ୩୮ ଜଣଙ୍କ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କ ଆଜୀବନ ଜେଲଦଣ୍ଡକୁ ବଜାୟ ରଖିଥିଲେ। ବିସ୍ଫୋରଣରେ ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁ, ବ୍ୟାପକ ଷଡ଼୍‌ଯନ୍ତ୍ର ଏବଂ ସମାଜରେ ଭୟ ସୃଷ୍ଟି କରିବାର ଉଦ୍ଦେଶ୍ୟକୁ ହାଇକୋର୍ଟ ମୃତ୍ୟୁଦଣ୍ଡ କାଏମ୍ ରଖିବାର ମୁଖ୍ୟ କାରଣ ଭାବେ ଦର୍ଶାଇଥିଲେ। ଦୋଷୀମାନଙ୍କ ମଧ୍ୟରେ ନିଷିଦ୍ଧ ସଂଗଠନ ସିମିର ପୂର୍ବତନ ନେତା ସଫଦର ନଗୋରି ମଧ୍ୟ ଅଛି। ଅହମଦ ବାୱା ପକ୍ଷରୁ ଆଜିର ଶୁଣାଣିରେ ଆଇନଜୀବୀ କହିଥିଲେ ଯେ, ତାଙ୍କ ମହକିଲକୁ ମୁଖ୍ୟତଃ ଷଡ଼୍‌ଯନ୍ତ୍ର ଆଧାରରେ ଦୋଷୀ କରାଯାଇଛି। ସୁପ୍ରିମ୍‌କୋର୍ଟ ଗୁଜରାଟ ସରକାରଙ୍କ ଜବାବ ମାଗିବା ସହ ମୂଳ ରେକର୍ଡ ତଲବ କରିଛନ୍ତି। ଏହି ଆଦେଶର ଅର୍ଥ ମୃତ୍ୟୁଦଣ୍ଡ ରଦ୍ଦ ହୋଇଯାଇନାହିଁ; ମାମଲାର ପରବର୍ତ୍ତୀ ବିଚାର ନ ହେବା ପର୍ଯ୍ୟନ୍ତ ଏହାର କାର୍ଯ୍ୟକାରିତା ଉପରେ ରୋକ ରହିଛି। ଏହାଛଡ଼ା ଗୁଜରାଟ ହାଇକୋର୍ଟ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁଜରାଟ ସରକାରଙ୍କୁ କହିଥିଲେ। ଏହି ରାଶି ୨୦୨୭ ମାର୍ଚ୍ଚ ୩୦ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ରହିଛି।

## ଟିଏମ୍‌ସିକୁ ୮୦୪ କୋଟିର ୪ ବନ୍ଦ ବ୍ୟାଙ୍କ ଖାତା ଖୋଲିବାକୁ ମିଳିଲାନି ଅନୁମତି



ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ୪ଟି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ ଉପରେ ଲାଗିଥିବା କଟକଣା ହଟାଇବାକୁ ମନା କରିଛନ୍ତି ସୁପ୍ରିମ୍‌କୋର୍ଟ। ଏହି ଖାତାଗୁଡ଼ିକରେ ପ୍ରାୟ ୮୦୪ କୋଟି ଟଙ୍କା ରହିଛି। ଗୁରୁବାର ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ପି.ବି. ବରାଲେଙ୍କ ଖଣ୍ଡପୀଠ କାଲ୍‌କାଟା ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶରେ ହସ୍ତକ୍ଷେପ କରିନାହାନ୍ତି। ତେବେ ହାଇକୋର୍ଟରେ ବିଚାରାଧୀନ ମୁଖ୍ୟ ମାମଲାର ଶୀଘ୍ର ଶୁଣାଣି ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଏହି ୪ଟି ଖାତା ଇଣ୍ଡିଆନ୍ ବ୍ୟାଙ୍କରେ ରହିଛି। ପଶ୍ଚିମବଙ୍ଗ ପୁଲିସ ଜୁଲାଇ ୭ରେ ଏଗୁଡ଼ିକୁ ଫ୍ରିଜ୍ କରିଥିଲା। ଏହା ବିରୋଧରେ ମମତାଙ୍କ ଟିଏମ୍‌ସି ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଖାତା ଫ୍ରିଜ୍ କରିବା ପାଇଁ ଯେଉଁ ଏଫ୍‌ଆଇଆର୍‌ଗୁଡ଼ିକର ଆଧାର ନିଆଯାଇଛି, ସେଥିରେ ତ୍ରୁଟି ଥିବା ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। ଅଗଷ୍ଟ ୨୭ରେ ହାଇକୋର୍ଟ ଖାତା ଚଳାଇବାକୁ ଅନ୍ତରୀଣ ଅନୁମତି ଦେବାକୁ ମନା କରିଥିଲେ।

ସୁପ୍ରିମ୍‌କୋର୍ଟରେ ମମତା ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂହଭି ଯୁକ୍ତି ରଖିଥିଲେ। ଖାତାଗୁଡ଼ିକ ଫ୍ରିଜ୍ ହେବାରୁ ଦଳର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଛି ବୋଲି ସେ କହିଥିଲେ। ଦଳର କାର୍ଯ୍ୟ ଚଳାଇବା ପାଇଁ ମାସକୁ ଅତି କମ୍‌ରେ ୧୨.୧୫ କୋଟି ଟଙ୍କା ଆବଶ୍ୟକ ବୋଲି ଟିଏମ୍‌ସି ପକ୍ଷରୁ ଦର୍ଶାଯାଇଥିଲା। ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ମାମଲାର ମୂଳ ପ୍ରସଙ୍ଗ କାଲ୍‌କାଟା ହାଇକୋର୍ଟରେ ବିଚାରାଧୀନ ଥିବାରୁ ଏହି ପର୍ଯ୍ୟାୟରେ ଶୀର୍ଷକୋର୍ଟ ଏହାର ମେରିଟ୍ ଉପରେ ମତ ଦେବେ ନାହିଁ। ସମ୍ବିଧାନର ଧାରା ୧୩୬ ଅନୁସାରେ ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ଅନିଚ୍ଛା ପ୍ରକାଶ କରିଥିଲେ। ମାମଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଟିଏମ୍‌ସିର ନିର୍ବାଚନୀ ଚିହ୍ନ ନେଇ ବିବାଦ। ସେପ୍ଟେମ୍ବର ୧୭ରେ ନିର୍ବାଚନ କମିସନ୍ ମମତା ବାନାର୍ଜୀ ଓ ଅରୂପ ରାୟଙ୍କ ନେତୃତ୍ୱାଧୀନ ଦୁଇ ଗୋଷ୍ଠୀକୁ ନେଇ ବିବାଦ ଥିବା କହିଥିଲେ। ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀକୁ ଟିଏମ୍‌ସି ନାମ ଓ 'ଫୁଲ-ଘାସ' ଚିହ୍ନ ବ୍ୟବହାର ନ କରିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିସ୍ଥିତିରେ କେଉଁ ଗୋଷ୍ଠୀ ବ୍ୟାଙ୍କ ଖାତା ଚଳାଇବାର ଅଧିକାରୀ, ତାହା ନିର୍ବାଚନ କମିସନ୍‌ରେ ଚାଲିଥିବା ବିବାଦର ନିଷ୍ପତ୍ତି ପରେ ହିଁ ସ୍ପଷ୍ଟ ହେବ ବୋଲି ସୁପ୍ରିମ୍‌କୋର୍ଟ ଉଲ୍ଲେଖ କରିଛନ୍ତି।

## କର୍ଣ୍ଣାଟକ ସିଇସିଙ୍କ ଅଫିସ୍ ବାହାରେ ଧାରଣାରେ ବସିଲେ ଶିବକୁମାର



ବେଙ୍ଗାଲୁରୁ : କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଆଜି କର୍ଣ୍ଣାଟକର ମୁଖ୍ୟ ନିର୍ବାଚନ ଅଫିସର୍ ଭି ଅମ୍ବୁକକୁମାରଙ୍କ ଅଫିସ୍ ବାହାରେ ଧାରଣାରେ ବସିଛନ୍ତି । ରାଜ୍ୟରେ ଭୋଟର ତାଲିକାରେ ଏସ୍‌ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଘଟଣାରେ ଏତଲା ଦାବି କରି ଶିବକୁମାର ଆଜି ତାଙ୍କ କ୍ୟାବିନେଟ୍ ସହକର୍ମୀ ଏବଂ ବିଧାୟକମାନଙ୍କ ସହ ଧାରଣାରେ ବସିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ଘଟଣାରେ ଏତଲା ରୁଜୁ ନହେବା ପର୍ଯ୍ୟନ୍ତ ଏବଂ ଘଟଣାର ତଦନ୍ତ ନହେବା ପର୍ଯ୍ୟନ୍ତ ସେ ଉକ୍ତ ସ୍ଥାନରୁ ଉଠିବେନି । ମିଳିଥିବା ସୂଚନାନୁଯାୟୀ ଶିବକୁମାର ଧାରଣାରେ ବସିବା ପୂର୍ବରୁ ଅମ୍ବୁକକୁମାରଙ୍କ ସହ ପ୍ରାୟ ଦୁଇ କିମ୍ବା ଅଢ଼େଇ ଘଣ୍ଟା ଧରି ବୈଠକ କରିଥିଲେ । ଏହି ଧାରଣା ସଂକ୍ରାନ୍ତରେ ସାମ୍ବାଦିକମାନଙ୍କୁ ଟିପ୍ପଣୀ ଦେଇ ଶିବକୁମାର କହିଛନ୍ତି, ଆମ ଲଢ଼େଇ ମାଧ୍ୟମରେ ମୁଁ ଲୋକଙ୍କୁ ଆଇନ ଅନୁଯାୟୀ ସୁରକ୍ଷା ଦେଇପାରିଛି ବୋଲି ସନ୍ତୋଷଜନକ ଉତ୍ତର ନମିଳିବା ପର୍ଯ୍ୟନ୍ତ ମୁଁ ଏହି ସ୍ଥାନ ଛାଡ଼ିବିନି ।

## ଜାମିନରେ ଜେଲ୍‌ରୁ ବାହାରି ନନ୍ଦୀଗ୍ରାମରେ ପ୍ରଚାର ଆରମ୍ଭ କଲେ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନ

କୋଲକାତା: ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ବିଧାନସଭା ଉପନିର୍ବାଚନ ପାଇଁ ଜେଲ୍‌ରୁ ବାହାରିବାର ଦିନକ ପରେ ଗୁରୁବାର ପ୍ରଚାର ଆରମ୍ଭ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନ। ପୂର୍ବ ମେଦିନୀପୁର ଜିଲ୍ଲାର ନନ୍ଦୀଗ୍ରାମରେ ଦଳୀୟ କର୍ମୀଙ୍କ ସହ ସେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ନନ୍ଦୀଗ୍ରାମ ବସ୍‌ଷ୍ଟାଣ୍ଡ ଦେଇ ଟେନର ଅଞ୍ଚଳ ଅଭିମୁଖେ ଯାଇଥିଲେ। ବାଟରେ ସେ ଦୋକାନୀ ଓ ସ୍ଥାନୀୟ ଲୋକଙ୍କୁ ଭେଟି ଭୋଟ ମାଗିଥିଲେ।

କାଲ୍‌କାଟା ହାଇକୋର୍ଟର ବିଚାରପତି ତୀର୍ଥଙ୍କର ଘୋଷ ମଙ୍ଗଳବାର ମିଲନଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ଅକ୍ଟୋବର ୨୦ ପର୍ଯ୍ୟନ୍ତ ଏହି ଜାମିନ ବଳବତ୍ତର ରହିବ। ବୁଧବାର ଜେଲ୍‌ରୁ ମିଲନ ମୁକ୍ତ ହୋଇଥିଲେ। ସେ ପ୍ରାୟ ୧୨ ଦିନ ଧରି ଜେଲ୍‌ରେ ଥିଲେ। ଅକ୍ଟୋବର ୨୧ରେ ତାଙ୍କୁ ପୁଣି ଅଦାଲତରେ ଆତ୍ମସମର୍ପଣ କରିବାକୁ ପଡ଼ିବ। ମିଲନଙ୍କ ବିରୋଧରେ ୨୦୦୭ର ନନ୍ଦୀଗ୍ରାମ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟର ମାମଲା ରହିଛି। ହତ୍ୟା, ହତ୍ୟା ଉଦ୍ୟମ, ଦଙ୍ଗା, ଅପହରଣ, ଲୁଟ୍ ଓ ଆପରାଧିକ ଧମକ ଭଳି ଅଭିଯୋଗରେ ନନ୍ଦୀଗ୍ରାମ ଓ ଖେଜୁରୀ ଥାନାରେ ମାମଲା ହୋଇଥିଲା। ପୁଲିସ ଚାରିଟି ଗିରଫ ପରୱାନା ଆଧାରରେ ସେପ୍ଟେମ୍ବର ୧୮ରେ ତାଙ୍କୁ ଗିରଫ କରିଥିଲା। ଜେଲ୍‌ରୁ ବାହାରିବା ପରେ ମିଲନ ଅଭିଯୋଗ କରିଥିଲେ ଯେ, ତାଙ୍କୁ ନିର୍ବାଚନରୁ ହଟିଯିବା ପାଇଁ ଚାପ ଦିଆଯାଇଥିଲା। ଗିରଫ ସମୟରେ ଆଖିରେ ଗାମୁଛା ବାନ୍ଧି ତାଙ୍କୁ ନିଆଯାଇଥିବା ଏବଂ ତାଙ୍କୁ ଏକ ମିଥ୍ୟା 'ଏନ୍‌କାଉଣ୍ଟର'ରେ ହତ୍ୟା କରାଯାଇପାରେ ବୋଲି ଭୟ ଥିବା ସେ କହିଛନ୍ତି।

## ଆସାମରେ ୯ ବାଂଲାଦେଶୀ ଗିରଫ; ନକଲି ଭାରତୀୟ ପରିଚୟପତ୍ର ଜବତ

ଢାକା : ଆସାମର ବୋଙ୍ଗାଇଗାଁ ଜିଲ୍ଲାର ନ୍ୟୁ ବୋଙ୍ଗାଇଗାଁ ରେଳ ଷ୍ଟେସନ୍‌ରେ ଏକ ମିଳିତ ଅପରେସନ୍‌ରେ ବୁଧବାର ୯ ଜଣ ବାଂଲାଦେଶୀ ନାଗରିକ ଗିରଫ ହୋଇଛନ୍ତି । ବୋଙ୍ଗାଇଗାଁ ଏସ୍‌ଏସ୍‌ପି ନୁମାଲ ମିତ୍ତଲ ସାମ୍ବାଦିକଙ୍କୁ କହିଛନ୍ତି, ଆମେ ଏକ ମିଳିତ ଅପରେସନ୍‌ରେ ନ୍ୟୁ ବୋଙ୍ଗାଓଗାଁ ରେଳ ଷ୍ଟେସନ୍‌ରେ ୯ ଜଣଙ୍କୁ ଗିରଫ କରିଥିଲୁ । ଜେରା ସମୟରେ ଆମେ ଜାଣିବାକୁ ପାଇଲୁ ଯେ ଗିରଫ ହୋଇଥିବା ସମସ୍ତ ନାଗରିକ ବାଂଲାଦେଶର । ସେମାନଙ୍କ ନିକଟରୁ ୪ଟି ବାଂଲାଦେଶୀ ପରିଚୟପତ୍ର ମିଳିଛି ବୋଲି ସେ କହିଛନ୍ତି । ସେମାନଙ୍କ ନିକଟରୁ ମଧ୍ୟ ୬ଟି ମୋବାଇଲ ଫୋନ୍, ଗୋଟିଏ ବାଂଲାଦେଶୀ ପାସପୋର୍ଟ, ୩ଟି ନକଲି ଭାରତୀୟ ଆଧାର କାର୍ଡ ଓ ୫ଟି ରେଳ ଟିକେଟ୍ ମିଳିଛି ।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସେମାନେ ଏକ ପଡ଼ୋଶୀ ଜିଲ୍ଲା ଦେଇ ଆସାମକୁ ପଶିଛନ୍ତି ଏବଂ ସେମାନେ ନ୍ୟୁ ବୋଙ୍ଗାଇଗାଁ ରେଳ ଷ୍ଟେସନ୍‌ରୁ ବାହାରକୁ ଯିବାର ଯୋଜନା କରିଥିଲେ । ମିତ୍ତଲ କହିଛନ୍ତି, ପ୍ରଥମେ ଆମେ ୬ ବାଂଲାଦେଶୀ ନାଗରିକଙ୍କୁ ଗିରଫ କଲୁ ଏବଂ ପରେ ଅନ୍ୟ ୩ ଜଣଙ୍କୁ ଗିରଫ କଲୁ । ସେମାନଙ୍କ ବିରୋଧରେ ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ । ସେମାନେ କାମ ପାଇଁ ବାହାରକୁ ଯିବା ଲାଗି ଯୋଜନା କରିଥିଲେ ବୋଲି ଜଣାପଡ଼ିଛି । ବୋଙ୍ଗାଇଗାଁ ପୁଲିସ ଦ୍ୱାରା ନ୍ୟୁ ବୋଙ୍ଗାଇଗାଁ ଜିଆର୍‌ପି ସହ ମିଳିତ ସହଯୋଗରେ ଏହି ଅପରେସନ୍ ଆରମ୍ଭ ହୋଇଥିଲା । ଉଲ୍ଲେଖଯୋଗ୍ୟ, ଆସାମରେ ୧୬ ତାରିଖରେ ହୋଇଥିବା ପୃଥକ୍ ଅପରେସନ୍‌ରେ ଆସାମ ପୁଲିସ ପୁରୁଷ, ମହିଳା ଓ ନାବାଳକଙ୍କ ସମେତ ୨୭ ବାଂଲାଦେଶୀ ନାଗରିକଙ୍କୁ ଗୁଆହାଟୀ ଓ ରଙ୍ଗିୟାରୁ ଗିରଫ କରିଥିଲା ।

## ଫ୍ଲାଇଦୁବାଇ ବିମାନର ୫ ହିରୋ; ପାଇଲଟ୍‌ଙ୍କ ସହ ପ୍ଲମ୍ବର, ବ୍ୟବସାୟୀ, ବ୍ୟାଙ୍କର ଓ ଦନ୍ତ ଚିକିତ୍ସକ




ନୂଆଦିଲ୍ଲୀ: ଦୁବାଇରୁ ଇସ୍ରାଏଲ୍‌ର ତେଲ୍ ଅଭିଭ୍ ଯାଉଥିବା ଫ୍ଲାଇଦୁବାଇର ଏଫ୍‌ଜେଡ୍-୧୦୭୩ ବିମାନ ବୁଧବାର ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛି। ବିମାନରେ ୧୭୪ ଜଣ ଯାତ୍ରୀଙ୍କ ସହ ୬ ଜଣ କ୍ରୁ ସଦସ୍ୟ ଥିଲେ। ଯାତ୍ରୀଙ୍କ ମଧ୍ୟରେ ୨୭ ଜଣ ଶିଶୁ ବି ଥିଲେ। ଭାରତୀୟ କ୍ୟାପ୍ଟେନ୍ ସ୍ମିତ୍ ମାଛାରଙ୍କ ସମେତ ୫ ଜଣଙ୍କ ତତ୍ପରତା ଯୋଗୁଁ ବିମାନଟି ସୁରକ୍ଷିତ ଭାବେ ସାଉଦି ଆରବର ତବୁକ୍ ବିମାନବନ୍ଦରରେ ଜରୁରୀ ଅବତରଣ କରିପାରିଥିଲା। ଘଟଣା ସମୟରେ ବିମାନଟି ହଠାତ୍ ପ୍ରାୟ ୧୭,୪୦୦ ଫୁଟ୍ ତଳକୁ ଖସିଥିଲା। ପ୍ରାୟ ୮ଟା ୨୦ରେ ଏହି ଖସିବା ଆରମ୍ଭ ହୋଇଥିଲା। ୮ଟା ୩୧ରେ ବିମାନ ପକ୍ଷରୁ ୭୭୦୦ ଜରୁରୀ ସଙ୍କେତ ଏବଂ ୮ଟା ୩୫ରେ ୭୫୦୦ ସଙ୍କେତ ପଠାଯାଇଥିଲା। ୮ଟା ୪୪ରେ ତବୁକ୍ ବିମାନବନ୍ଦରକୁ ବିପଦ ସଙ୍କେତ ମିଳିଥିଲା। ତେବେ ବିମାନକୁ ତଥା ୧୮୦ ଜଣ ଲୋକଙ୍କ ଜୀବନକୁ ବଞ୍ଚାଇଥିବା ୫ ଜଣ ହିରୋଙ୍କ ବିଷୟରେ ଆସନ୍ତୁ ଜାଣିବା।

ମୁମ୍ବାଇରେ ବଢ଼ିଥିବା ଭାରତୀୟ ପାଇଲଟ୍ ସ୍ମିତ୍ ମାଛାରଙ୍କୁ ତାଙ୍କ ସହପାଇଲଟ୍ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ ମଧ୍ୟ ସେ କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସକ୍ଷମ ହୋଇଥିଲେ। ଏହା ପରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ଭିତରକୁ ପ୍ରବେଶ କରି ଆକ୍ରମଣକାରୀକୁ କାବୁ କରିଥିଲେ। ମାଛାରଙ୍କୁ ପରେ ତବୁକ୍‌ର ହସ୍ପିଟାଲ୍‌କୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ଇସ୍ରାଏଲୀ ଯାତ୍ରୀ ୟାନିଭ୍ ହାୟୁନ୍ ପେସାରେ ଜଣେ ପ୍ଲମ୍ବର। ସେ କକ୍‌ପିଟ୍‌ରେ ପଶି ଆକ୍ରମଣକାରୀ ସହପାଇଲଟ୍‌ଙ୍କୁ ନିୟନ୍ତ୍ରଣରୁ ହଟାଇବାରେ ସହାୟତା କରିଥିଲେ। ବିମାନ ତଳକୁ ଖସୁଥିବାବେଳେ ସେ ବିମାନକୁ ସ୍ଥିର କରିବାରେ ମଧ୍ୟ ସହଯୋଗ କରିଥିଲେ। ବିମାନ ସମ୍ପର୍କିତ ଟିଭି କାର୍ଯ୍ୟକ୍ରମ 'ମେଡେ' ଦେଖି ସେ କିଛି ଧାରଣା ପାଇଥିବା କହିଛନ୍ତି।

ବ୍ୟବସାୟୀ ଆସଫ୍ ରାଜୁଆନ୍ ମଧ୍ୟ କକ୍‌ପିଟ୍‌ରେ ପହଞ୍ଚି ଆକ୍ରମଣକାରୀଙ୍କୁ କାବୁ କରିବାରେ ସହଯୋଗ କରିଥିଲେ। ବ୍ୟାଙ୍କର ତଥା ବ୍ୟାଙ୍କ ଲିଉମିର ଅଣ୍ଡରରାଇଟିଂ କମ୍ପାନିର ସିଇଓ ଜ୍ୱିକା ମାନେସ୍ ମଧ୍ୟ ଆକ୍ରମଣକାରୀଙ୍କୁ ବାନ୍ଧି ରଖିବାରେ ସହାୟତା କରିଥିଲେ। ହେଡ୍‌ଫୋନ୍‌ର ତାର ବ୍ୟବହାର କରି ତାଙ୍କୁ ନିୟନ୍ତ୍ରଣରେ ରଖାଯାଇଥିଲା।

ଦନ୍ତ ଚିକିତ୍ସକ ଶୋଟା ମୁସାଏଭ୍ ପ୍ରଥମେ ଆକ୍ରମଣକାରୀଙ୍କୁ କାବୁ କରିବାରେ ସହଯୋଗ କରିଥିଲେ। ପରେ ଗୁରୁତର ଆହତ କ୍ୟାପ୍ଟେନ୍ ମାଛାରଙ୍କ ଚିକିତ୍ସାରେ ଲାଗିଥିଲେ। ବିମାନରେ ସେ ଏକମାତ୍ର ଚିକିତ୍ସାବିତ୍ ଥିଲେ। ମାଛାରଙ୍କ ରକ୍ତସ୍ରାବ ବନ୍ଦ କରିବାରେ ସେ ସଫଳ ହୋଇଥିଲେ। ପରେ ଦୁଇଜଣ ଅଫ୍-ଡ୍ୟୁଟି ପାଇଲଟ୍, ଯେଉଁମାନେ ଯାତ୍ରୀ ଭାବେ ବିମାନରେ ଥିଲେ, ନିୟନ୍ତ୍ରଣ ହାତକୁ ନେଇଥିଲେ। ବିମାନଟି ତବୁକ୍ ଦିଗକୁ ମୋଡ଼ ନେଇ ସୁରକ୍ଷିତ ଅବତରଣ କରିଥିଲା।

# କେନ୍ଦୁଝର ମାଇନର୍ସ ଓଡ଼ିଶା ଟି-୨୦ ଲିଗ୍ ଚାମ୍ପିଅନ୍

## ଫାଇନାଲ୍‌ରେ ସମ୍ବଲପୁର ୱାରିୟର୍ସଙ୍କୁ ୯ ୱିକେଟ୍‌ରେ ହରାଇଲା

କଟକ,୧।୧୦: ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍—ସିଏମ୍ ଟ୍ରଫିର ଫାଇନାଲ୍‌ରେ ସମ୍ବଲପୁର ୱାରିୟର୍ସଙ୍କୁ ୯ ୱିକେଟ୍‌ରେ ପରାସ୍ତ କରି କେନ୍ଦୁଝର ମାଇନର୍ସ ଚାମ୍ପିଅନ୍ ହୋଇଛି।ବ୍ୟାଟିଂ ଓ ବୋଲିଂ ଉଭୟ ବିଭାଗରେ ଦମଦାର ପ୍ରଦର୍ଶନ କରି କେନ୍ଦୁଝର ଟିମ୍ ଫାଇନାଲ୍‌ରେ ଏକତରଫା ବିଜୟ ହାସଲ କରିଛି। ଟୁର୍ଣ୍ଣାମେଣ୍ଟରେ ଦୁଇଟି ଆରମ୍ଭିକ ମ୍ୟାଚ୍ ହାରିବା ପରେ ଦଳ ଯେଉଁଭଳି ଭାବେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଟ୍ରଫି ହାସଲ କରିଛି, ତାହା ଦଳର ଅଭିଯାନର ଏକ ପ୍ରମୁଖ ବିଶେଷତା ପାଲଟିଛି।

ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୱାରିୟର୍ସ ୧୮.୩ ଓଭରରେ ୧୦୨ ରନ୍‌ରେ ଅଲଆଉଟ୍ ହୋଇଥିଲା। କେନ୍ଦୁଝରର ବୋଲରମାନେ ଆରମ୍ଭରୁ ହିଁ ସମ୍ବଲପୁର ଉପରେ ଚାପ ସୃଷ୍ଟି କରିଥିଲେ। ନିୟମିତ ୱିକେଟ୍ ପତନ ଯୋଗୁଁ ସମ୍ବଲପୁର ଦଳ ୫୫/୮ରେ ସଂଘର୍ଷ କରୁଥିବା ବେଳେ ଶେଷରେ ୧୦୨ ରନ୍‌ରେ ଅଲଆଉଟ୍ ହୋଇଥିଲା।କେନ୍ଦୁଝର ପକ୍ଷରୁ ଜମାଲା ମହାପାତ୍ର ଚମତ୍କାର ବୋଲିଂ କରି ୪ ଓଭରରେ ୧୩ ରନ୍ ଦେଇ ୨ଟି ୱିକେଟ୍ ନେଇଥିଲେ। ୧୦୩ ରନ୍‌ର ଲକ୍ଷ୍ୟର ପିଛା କରି କେନ୍ଦୁଝର ଆରମ୍ଭରେ ରାଜେଶ ଧୁପରଙ୍କ ୱିକେଟ୍ ହରାଇଥିଲା। ସେ ୪ଟି ବଲ୍‌ରୁ ମାତ୍ର ୧ ରନ୍ କରିଥିଲେ। ତେବେ ଏହାପରେ ମୟଙ୍କ ପଟ୍ଟନାୟକ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ଦଳକୁ ଆଉ କୌଣସି ଝଟକା ଲାଗିବାକୁ ଦେଇନଥିଲେ। ଦୁହେଁ ଅପରାଜିତ ୮୯ ରନ୍‌ର ଭାଗୀଦାରି କରି କେନ୍ଦୁଝରକୁ ଚାମ୍ପିଅନ୍ କରାଇଥିଲେ। ମୟଙ୍କ ପଟ୍ଟନାୟକ ମାତ୍ର ୩୪ଟି ବଲ୍‌ରୁ ଅପରାଜିତ ୭୨ ରନ୍ କରିଥିବା ବେଳେ ଶୁଭ୍ରାଂଶୁ ସେନାପତି ୨୬ଟି ବଲ୍‌ରୁ ଅପରାଜିତ ୩୨ ରନ୍ କରିଥିଲେ।

ଚାମ୍ପିଅନ୍ ହେବା ପରେ କେନ୍ଦୁଝର ମାଇନର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଦଳର ମାଲିକ, ସପୋର୍ଟ ଷ୍ଟାଫ୍ ଓ ସମସ୍ତ ଖେଳାଳିଙ୍କୁ ବିଜୟର ଶ୍ରେୟ ଦେଇଛନ୍ତି।କେନ୍ଦୁଝର ମାଇନର୍ସର ମାଲିକ ପ୍ରତ୍ୟୁଷ ମନୀଷ ଖେମକା ମଧ୍ୟ ଦଳର ସଫଳତାକୁ ନେଇ ଗର୍ବ ପ୍ରକାଶ କରିଛନ୍ତି। ଦୁଇଟି ଆରମ୍ଭିକ ପରାଜୟ ପରେ ଦଳ ଯେଉଁଭଳି ଭାବେ ଲଗାତାର ତିନୋଟି ମ୍ୟାଚ୍ ଜିତି ପ୍ରତ୍ୟାବର୍ତ୍ତନ କରିଥିଲା, ସେଥିପାଇଁ ସେ ଖେଳାଳିମାନଙ୍କୁ ପ୍ରଶଂସା କରିଛନ୍ତି। ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ ଏବଂ ରାଜ୍ୟସଭା ସାଂସଦ ମନମୋହନ ସାମଲ ଉପସ୍ଥିତ ଥିଲେ।

ଏହାସହ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ୍ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଆସୋସିଏସନ୍ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାଶ ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର ମହାସଚିବ ଅବିଜିତ୍ ପଲ୍ ଉପସ୍ଥିତ ଥିଲେ।




### ସିଜନ୍ ଆୱାର୍ଡରେ ଖେଳାଳିଙ୍କୁ ସମ୍ମାନ

**ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ବିଭିନ୍ନ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା**

ମୋମେଣ୍ଟ ଅଫ୍ ଦି ସିଜନ୍: ସ୍ୱସ୍ତିକ ସାମଲ — ଗୁଲଶନ ଝୁରାନୀଙ୍କ ଦ୍ୱାରା ପ୍ରଦାନ।

ପ୍ଲେୟର ଅଫ୍ ଦି ସିଜନ୍: ଭାଗେଶ ଶର୍ମା, କେନ୍ଦୁଝର ମାଇନର୍ସ — ଭାରତ ମସଲାର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରଦାନ।

ପର୍ପଲ୍ କ୍ୟାପ୍: ଭାଗେଶ ଶର୍ମା, କେନ୍ଦୁଝର ମାଇନର୍ସ — ବୁଢ଼ାବାବା ହସ୍ପିଟାଲ୍‌ର ପ୍ରତିନିଧି ଜ୍ୟୋତି ରଞ୍ଜନ ମିଶ୍ରଙ୍କ ଦ୍ୱାରା ପ୍ରଦାନ।

ଅରେଞ୍ଜ୍ କ୍ୟାପ୍: ଶାନ୍ତନୁ ମିଶ୍ର — ଭାରତ ମସଲାର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ପ୍ରଦାନ।

ମ୍ୟାଚ୍ ଅଫିସିଆଲ୍‌ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ଏଥିରେ ଅମ୍ପାୟାର ଧୀରଜ କୁମାର ସିଂହ ଓ ଅରୁଣ କୁମାର ବସା, ଥାର୍ଡ ଅମ୍ପାୟାର ଦୁର୍ଗାଦତ୍ତ ଦାସ, ଫୋର୍ଥ ଅମ୍ପାୟାର ସୁବ୍ରତ ଦାସ, ସ୍କରର ବୀରବର ନାୟକ ଓ ସନ୍ଦୀପ ଜୀ ଏବଂ ରେଫରୀ ପି. ଜୟଚନ୍ଦ୍ର ସାମିଲ ଥିଲେ।

# ସୁନା ପାଇଁ ଲଢ଼ିବେ ଭାରତ ଓ ପାକିସ୍ତାନ

ନୂଆଦିଲ୍ଲୀ,୧।୧୦: ପୁଣି କ୍ରିକେଟରେ ଦେଖିବାକୁ ମିଳିବ ଭାରତ ଓ ପାକିସ୍ତାନ ଲଢେଇରେ ଜାପାନରେ ଚାଲିଥିବା ଏସିଆନ ଗେମ୍ସର ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ।ଶନିବାର ସ୍ୱର୍ଣ୍ଣ ପଦକ ପାଇଁ ଦୁଇ ଦେଶ ପରସ୍ପରକୁ ଟକ୍କର ଦେବେ। ଆଜି ପ୍ରଥମ ସେମିରେ ବାଂଲାଦେଶକୁ ହରାଇ ପାକିସ୍ତାନ ଫାଇନାଲ ଟିକେଟ ହାତେଇଛି। ଭାରତ ମଧ୍ୟ ଶ୍ରୀଲଙ୍କାକୁ ଏକତରଫା ଭାବେ ହରାଇ ସ୍ୱର୍ଣ୍ଣ ଲଢେଇରେ ପ୍ରବେଶ କରିଛି।ଭାରତ ଓ ପାକିସ୍ତାନ ଶନିବାର ଦିନ ୯.୩୦ରେ ସ୍ୱର୍ଣ୍ଣ ପଦକ ପାଇଁ ମୁହାଁମୁହିଁ ହେବେ। ସେହିପରି ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ହେବ ବ୍ରୋଞ୍ଜ ପଦକ ଲଢେଇ।

ଏସିଆନ ଗେମ୍ସ ୨୦୨୬ର ଦ୍ୱିତୀୟ ସେମିରେ ଶ୍ରେୟସ ଆୟରଙ୍କ ଭାରତ ବିଶାଳ ୧୨୪ ରନରେ ଶ୍ରୀଲଙ୍କାକୁ ମାତ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଈଶାନ କିଶନଙ୍କ ଅପରାଜିତ ୮୦ ରନ ଓ ବୈଭବ ସୂର୍ଯ୍ୟବଂଶୀଙ୍କ ୩୮ ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୯ ରନ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ୯.୫ ଓଭରରେ କେବଳ ୪୫ ରନ କରି ଅଲଆଉଟ ହୋଇ ଯାଇଛି।

ଭାରତୀୟ ବୋଲର ଆରମ୍ଭରୁ ହିଁ ନିଜର ଜଲୱା ଦେଖାଇଥିଲେ। ପ୍ରଥମ ଓଭରରେ ଯଶପ୍ରୀତ ବୁମ୍ରା ୨ଟି ୱିକେଟ ନେଇଥିବା ବେଳେ ତୃତୀୟ ୱିକେଟ ରବି ବିଷ୍ଣୋଇ ରନ ଆଉଟ ରୂପରେ ହାସଲ କରିଥିଲେ।ବୁମ୍ରାଙ୍କ ବ୍ୟତୀତ ଅକ୍ଷର ପଟେଲ ୨ଟି ଓ ୱାଶିଂଟନ ସୁନ୍ଦର ମଧ୍ୟ ଗୋଟିଏ ସଫଳତା ପାଇଛନ୍ତି। ମ୍ୟାଚ୍‌ର ୧୦ତମ ଓଭର ବୋଲିଂ କରିବାକୁ ଆସିଥିଲେ ଅଭିଷେକ ଶର୍ମା। ସେ ମାତ୍ର ୫ଟି ବଲରେ ୨ ରନ ଦେଇ ୨ଟି ୱିକେଟ ପାଇଛନ୍ତି। ସେହିପରି ଏହି ଓଭରରେ ଭାରତକୁ ରନଆଉଟ ରୂପରେ ମଧ୍ୟ ଗୋଟିଏ ସଫଳତା ମିଳିଛି। ଭାରତ ଅଭିଷେକଙ୍କ ଓଭର ୩ ବଲରେ ୩ ୱିକେଟ ହାସଲ କରିବାରୁ ଶ୍ରୀଲଙ୍କା ୪୫ ରନରେ ଅଟକି ଯାଇଛି।

ଶ୍ରୀଲଙ୍କା ପକ୍ଷରୁ ଏନ ଫର୍ଣ୍ଣାଣ୍ଡୋ(୧୫)ଙ୍କୁ ଛାଡି ଦେଲେ ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ମଧ୍ୟ ଛୁଇଁ ମାରି ନାହାନ୍ତି। ଏହି ବିଜୟ ସହ ଭାରତ ଏସିଆନ ଗେମ୍ସ ୨୦୨୬ ଫାଇନାଲରେ ପ୍ରବେଶ କରିଛି। ଏହାପୂର୍ବରୁ ପାକିସ୍ତାନ ୬ ୱିକେଟରେ ବାଂଲାଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବର୍ଷା ଯୋଗୁ ଏହି ମ୍ୟାଚ୍‌କୁ ୧୩ ଓଭର ବିଶିଷ୍ଟ କରାଯାଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୩ ଓଭରରେ ୭ ୱିକେଟ ହରାଇ ୧୧୧ ରନ କରିଥିଲା।

ଏହାର ଜବାବରେ ପାକିସ୍ତାନ ଏକଦା ମାଟି କାମୁଡିଥିଲା। କିନ୍ତୁ ଶେଷ ଭାଗରେ ଅବଦୁଲ ସମନ ୧୫ ବଲରେ ଅପରାଜିତ ୩୦ ରନର ଇନିଂସ ଖେଳିବାରୁ ପାକିସ୍ତାନ ୯ ବଲ ପୂର୍ବରୁ ୪ ୱିକେଟ ହରାଇ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି।

# ୱେଷ୍ଟଇଣ୍ଡିଜ ସିରିଜରୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ୍

ନୂଆଦିଲ୍ଲୀ,୧।୧୦: ୱେଷ୍ଟଇଣ୍ଡିଜ ବିପକ୍ଷ ୩ ଟିକିଆ ସିରିଜର ଶେଷ ମ୍ୟାଚ୍‌ରୁ ବାଦ ପଡିଛନ୍ତି ଭାରତର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା। ଗୁଆହାଟୀରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆର ଅଧାରୁ ପଡିଆ ଛାଡିଥିଲେ ପ୍ରସିଦ୍ଧ। ଏବେ ସେ ତୃତୀୟ ଦିନିକିଆରେ ଉପଲବ୍ଧ ହେବେ ନାହିଁ ବୋଲି ଜଣାପଡିଛି।

ଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ଦ୍ରୁତ ବୋଲରଙ୍କ ପ୍ରବଳ ଧୂଳେଇ ହେଉଛି। ପ୍ରବଳ ଗୁଳୁଗୁଳି ଓ ଖରାରେ ବୋଲିଂ କରିବା ଦ୍ରୁତ ବୋଲରଙ୍କ ପାଇଁ ଆହୁରି ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପ୍ରଥମ ଦୁଇଟି ଯାକ ଦିନିକିଆରେ ଶୁବମନ ଗିଲ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବାରୁ ଭାରତୀୟ ଦ୍ରୁତ ବୋଲରଙ୍କୁ ଖରାରରେ ପ୍ରବଳ ସଂଘର୍ଷ କରିବାକୁ ପଡିଛି।




ପ୍ରଥମ ଦିନିକିଆରେ ପ୍ରସିଦ୍ଧ ୧୦ ଓଭର ବୋଲିଂ କରିଥିଲେ। ହେଲେ ଗୁଆହାଟୀ ମ୍ୟାଚ୍ ଅଧାରରେ ହିଁ ତାଙ୍କୁ ପଡିଆ ଛାଡିବାକୁ ଛାଡିଥିଲା। ପଡିଆ ଛାଡିବା ବେଳେ ପ୍ରସିଦ୍ଧ ୫ ଓଭର ବୋଲିଂ କରିବା ସହ ୪୫ ରନ ଖର୍ଚ୍ଚ କରିଥିଲେ ଏବଂ ଗୋଟିଏ ୱିକେଟ ନେଇଥିଲେ। ଆହତ ସମସ୍ୟା ଯୋଗୁ ତାଙ୍କୁ ପଡିଆ ଛାଡିବାକୁ ପଡିଥିଲା। ଭାରତର ବ୍ୟାଟିଂ କୋଚ ସୀତାଂଶୁ କୋଟାକ ପରବର୍ତ୍ତୀ ଅବସ୍ଥାରେ କହିଥିଲେ ଯେ ପ୍ରସିଦ୍ଧ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ଓ ତାଙ୍କର ସ୍କାନ ଅକ୍ଟୋବର ୧ରେ ହେବ। ଆଜି ଜଣାପଡିଛି ଯେ ପ୍ରସିଦ୍ଧ ମାଂସପେଶୀ ସମସ୍ୟାରେ ପଡିଛନ୍ତି ଓ ତୃତୀୟ ଦିନିକିଆରୁ ବାଦ ପଡିଛନ୍ତି। ବେଶ କିଛି ମାସ ହେଲାଣି ଜଣଙ୍କ ପରେ ଜଣେ ଭାରତୀୟ ଦ୍ରୁତ ବୋଲର ଆହତ ହେବା ଟିମର ଚିନ୍ତା ବାଇ ଦେଇଛି। ନୀତୀଶ ରେଡ୍ଡୀ ଆହତ କାରଣରୁ ବେଶ କିଛି ସମୟ ଟିମରୁ ଦୂରେଇ ରହିଥିଲେ।୨୦୨୬ ଆଇପିଏଲ ପରଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ଏଯାଏ ଫିଟ ହୋଇ ନାହାନ୍ତି। ହର୍ଷିତ ରାଣା ମଧ୍ୟ ଆହତ ସମସ୍ୟା ଦେଇ ଗତି କରୁଛନ୍ତି।

# ହକି : ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ଲଢ଼େଇରେ ଭାରତ

ନୂଆଦିଲ୍ଲୀ,୧।୧୦: ମ୍ୟାଚ୍ ସାରିବାକୁ ଥିଲା ମାତ୍ର ୪୯ ସେକେଣ୍ଡ। ସ୍ଥିତି ଥିଲା ୩-୩। ଲାଗୁଥିଲା ଭାରତ-ପାକିସ୍ତାନ ମ୍ୟାଚ୍ ଶୁଟ ଆଉଟ୍‌କୁ ଯିବ। ଶୁଟ୍ ଆଉଟ ପରେ ଏସିଆନ ଗେମ୍ସ ୨୦୨୬ ପୁରୁଷ ହକିର ଫାଇନାଲରେ କିଏ ପ୍ରବେଶ କରିବ ସେକଥା ଜଣାପଡିବ। ହେଲେ ନାଟକୀୟ ଢଙ୍ଗରେ ବଦଳିଥିଲା ମ୍ୟାଚ୍‌ର ମୋଡ। ହରମନପ୍ରୀତ ସିଂହଙ୍କ ଭାରତୀୟ ହକି ଟିମ କରିଥିଲା କମାଲ। ଅଭିଷେକଙ୍କ ଦମଦାର ଫିଲ୍ଡ ଗୋଲ ହଠାତ୍ ସବୁ କିଛି ବଦଳାଇ ଦେଇଥିଲା।୪୯ ସେକେଣ୍ଡ ପୂର୍ବରୁ ସେ ପାକିସ୍ତାନ ହାତରୁ ଛଡାଇ ଆଣିଛନ୍ତି ବିଜୟ। ଶେଷରେ ଭାରତ ୪-୩ରେ ସେମିଫାଇନାଲ ମ୍ୟାଚ ଜିତି ସ୍ୱର୍ଣ୍ଣ ଲଢେଇରେ ପ୍ରବେଶ କରିଛି। ଦୀର୍ଘ ୧୦ ବର୍ଷ ମଧ୍ୟରେ ପାକିସ୍ତାନ କେବେ ବି ଭାରତକୁ ହରାଇ ନଥିଲା।କିନ୍ତୁ ଆଜି ଦଳ ଭାରତ ଉପରେ ଚାପ ପକାଇ ମ୍ୟାଚ୍‌କୁ ଡ୍ର ଆଡକୁ ନେଇ ଯାଇଥିଲା। ହେଲେ ଠିକଣା ସମୟରେ ଏସିଆନ ଗେମ୍ସର ଡିଫେଣ୍ଡିଂ ଚାମ୍ପିୟନ ଭାରତ କମବ୍ୟାକ କରି ପାରିଛି। ଆଜିର ମ୍ୟାଚ୍ ଆରମ୍ଭରୁ ଭାରତ ନିଜର ଜଲୱା ଦେଖାଇଥିଲା। ପ୍ରଥମ କ୍ୱାର୍ଟରରେ ଦଳ ୨ଟି ଗୋଲ ପେନାଲ୍ଟି କର୍ଣ୍ଣରରୁ ହାସଲ କରିଥିଲା। ମ୍ୟାଚ୍‌ର ୫ମ ଓ ୧୩ତମ ମିନିଟ୍‌ରେ ଦଳର ଅଧିନାୟକ ହରମନପ୍ରୀତ ସିଂହ ଗୋଲ ସ୍କର କରିଥିଲେ।ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ନିଜର ଦବାଦବା ଦେଖାଇଥିଲା। ମ୍ୟାଚ୍‌ର ୨୩ତମ ମିନିଟରେ ସୁଖଜିତ ସିଂହ ଫିଲ୍ଡ ଗୋଲରୁ ଭାରତକୁ ତୃତୀୟ ସଫଳତା ଦେଇଥିଲେ। ହାଫ ଟାଇମ ସୁଦ୍ଧା ଭାରତ ୩-୦ରେ ଆଗୁଆ ରହିଥିଲା। ହେଲେ ହାଫ ଟାଇମ ପରେ ପାକିସ୍ତାନ ସତେ ଯେମିତି ନୂଆ ଜୋଶ ଓ ରଣନୀତି ସହ ସାମ୍ନାକୁ ଆସିଥିଲା। ୩୦ତମ ମିନିଟରେ ହିଁ ଭାରତର ରକ୍ଷଣ ଭାଗକୁ ଭେଦ କରି ପାକିସ୍ତାନ ପାଇଁ ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କର କରିଥିଲେ ଅବୁ ମହମ୍ମଦ।ଏହାପରେ ଦଳକୁ ମିଳିଥିବା ପିସିକୁ ୪୫ତମ ମିନିଟରେ ଗୋଲରେ ପରିଣତ କରିଥିଲେ ଏଚ୍ ଶାହିଦ। ସ୍ଥିତିକୁ ପାକିସ୍ତାନ ୨-୩ କରିବା ପରେ ଘନଘନ ଆକ୍ରମଣ କରିଥିଲା। କିଛି ସମୟ ପାଇଁ ଭାରତ ପାଖରେ ସତେ ଯେମିତି ଏହାର କୌଣସି ଜବାବ ନଥିଲା।ପାକିସ୍ତାନ ୪୯ତମ ମିନିଟରେ ୱାହିଦ ଅଶରଫ ରାଣାଙ୍କ ସହାୟତାରେ ତୃତୀୟ ଗୋଲ କରି ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲା। ଏହାପରେ ବି ପାକିସ୍ତାନକୁ ଗୋଲ କରିବାର ସୁଯୋଗ ମିଳିଥିଲା। ଦଳ ପିସି ମଧ୍ୟ ପାଇଥିଲା। ହେଲେ ଭାରତର ଡିଫେନ୍ସ ବିଭାଗ ସବୁ କିଛି ଭଣ୍ଡୁର କରିଥିଲା। ମ୍ୟାଚ୍ ଶେଷ ମିନିଟରେ ପ୍ରବେଶ କରିବା ମାତ୍ରେ ଭାରତ ମଧ୍ୟ କାଉଣ୍ଟର ଆଟାକ କରିଥିଲା। ତଥାପି ପାକିସ୍ତାନ ୧୦ ସେକେଣ୍ଡ ପାଇଁ କିଛି ବି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ରିଭ୍ୟୁ ଦ୍ୱାରା ପାକିସ୍ତାନ ଖେଳାଳି ଭାରତକୁ ରେଫରୀ ଦେଇଥିବା ପିସିକୁ ମଧ୍ୟ ବଦଳାଇ ଦେଇଥିଲା। ଲାଗୁଥିଲା ମ୍ୟାଚ୍ ଶୁଟ ଆଉଟକୁ ଯିବ। କିନ୍ତୁ ଅଭିଷେକଙ୍କ ଷ୍ଟିକରେ ବଲ ବାଜି ପାକିସ୍ତାନ ଗୋଲ ପୋଷ୍ଟକୁ ବଲ ଯିବା ମାତ୍ରେ ସ୍ଥିତି ବଦଳି ଯାଇଥିଲା। ଡ୍ର ଅଭିମୁଖେ ଯାଉଥିବା ମ୍ୟାଚ୍‌କୁ ଭାରତ ଶେଷରେ ୪-୩ରେ ଜିତି ନେଇଥିଲା।

ଏହି ବିଜୟ ସହ ଭାରତ ଏସିଆନ ଗେମ୍ସର ସ୍ୱର୍ଣ୍ଣ ପଦକ ଲଢେଇରେ ପ୍ରବେଶ କରିଛି। ଏବେ ଦ୍ୱିତୀୟ ସେମିରେ ମୁହାଁମୁହିଁ ହେବେ ମାଲେସିଆ ଓ କୋରିଆ। ଏମାନଙ୍କ ମଧ୍ୟରୁ ଜିତିବାକୁ ଥିବା ଦଳ ଭାରତ ସହ ସ୍ୱର୍ଣ୍ଣ ପାଇଁ ଲଢ଼ିବ। ହାରିବାକୁ ଥିବା ଦଳ ପାକିସ୍ତାନ ସହ ବ୍ରୋଞ୍ଜ ପଦକ ପାଇଁ ଖେଳିବ।




# ଟାଇମ ମ୍ୟାଗାଜିନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୧।୯୧୦: ଭାରତର ବିସ୍ମୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଛି ଆଉ ଏକ ସଫଳତା। ଅନ୍ତର୍ଜାତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୂର୍ଯ୍ୟବଂଶୀଙ୍କୁ ପ୍ରତିଷ୍ଠିତ ଟାଇମ ମ୍ୟାଗାଜିନରେ ସ୍ଥାନ ମିଳିଛି।ଟାଇମ ମ୍ୟାଗାଜିନ ୨୦୨୬ର ଟାଇମ ୧୦୦ ନେକ୍ସଟ ଲିଷ୍ଟ ଅଫ ଗ୍ଲୋବାଲ ରାଇଜିଂ ଷ୍ଟାରେ ସୂର୍ଯ୍ୟବଂଶୀଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହାର ଅର୍ଥ ଟାଇମ ମ୍ୟାଗାଜିନର ୧୦୦ ରାଇଜିଂ ଷ୍ଟାର ତାଲିକାରେ ସେ ରହିଛନ୍ତି। ଏହି ତାଲିକାରେ ଏହି କୁନି ବାମହାତୀ ବ୍ୟାଟର ଜଣଙ୍କ ହେଉଛନ୍ତି ଏକମାତ୍ର ଭାରତୀୟ ଆଥଲେଟ। ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ତାଲିକାରେ ମଧ୍ୟ ସର୍ବକନିଷ୍ଠ ସଦସ୍ୟ ଭାବେ ନିଜର ସ୍ଥାନ ହାସଲ କରିଛନ୍ତି।

TIME100 Next ବିଭିନ୍ନ କ୍ଷେତ୍ରରେ ନିଜର ଭବିଷ୍ୟତକୁ ଗଢ଼ି ତୋଳୁଥିବା ୧୦୦ ଜଣ ଉଦୀୟମାନ ପ୍ରତିଭାଙ୍କୁ ସ୍ୱୀକୃତି ଦେଇଥାଏ। ସୂର୍ଯ୍ୟବଂଶୀଙ୍କୁ ‘ଫେନମ୍’ ବର୍ଗରେ ସ୍ଥାନ ମିଳିଛି। ଟାଇମ ପକ୍ଷରୁ ସୂର୍ଯ୍ୟବଂଶୀଙ୍କୁ ବିଶ୍ୱ କ୍ରୀଡ଼ା ଜଗତର ସବୁଠାରୁ ରୋମାଞ୍ଚକର ପ୍ରତିଭାମାନଙ୍କ ମଧ୍ୟରୁ ଜଣେ ବୋଲି ବର୍ଣ୍ଣନା କରିଛି।

ବିହାରରେ ଜନ୍ମିତ ଏହି ବାମହାତୀ ବିସ୍ଫୋରକ ବ୍ୟାଟର ଜଣଙ୍କ ୨୦୨୪ରେ ଚର୍ଚ୍ଚାକୁ ଆସିଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ବିହାର ରଣଜୀ ଟ୍ରଫି ପାଇଁ ଡେବ୍ୟୁ କରିଥିଲେ। ସିନିୟର ଟିମରେ କମାଲ କରିବା ପରେ ୨୦୨୫ରେ ରାଜସ୍ଥାନ ରୟାଲ୍ସ ତାଙ୍କୁ ନିଜ ସହ ୧ କୋଟି ଟଙ୍କାରେ ସାମିଲ କରାଯାଇଥିଲା। ସେ ଆଇପିଏଲ ଖେଳିବାର ସର୍ବକନିଷ୍ଠ ଖେଳାଳି ହୋଇପାରିଥିଲେ।



ନିଜର ଡେବ୍ୟୁ ଆଇପିଏଲରେ ସୂର୍ଯ୍ୟବଂଶୀ ବେଶ ପ୍ରଭାବ ଦେଖାଇ ୭ଟି ଇନିଂସରେ ହାସଲ କରିଥିଲେ ମୋଟ ୨୫୨ ରନ। ସେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ମାତ୍ର ୩୫ ବଲରେ ଶତକ ହାସଲ କରିଥିଲେ। ଆଇପିଏଲ ଇତିହାସରେ ଶତକ ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି।

୨୦୨୬ ଆଇପିଏଲ ତାଙ୍କୁ ଆଉ ଗୋଟିଏ ସ୍ତରରେ ପହଞ୍ଚାଇଥିଲା। ସେ ୧୬ଟି ମ୍ୟାଚ୍‌ରେ କରିଥିଲେ ୭୭୬ ରନ। ଏହା ମଧ୍ୟରେ ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି। ଗୋଟିଏ ଆଇପିଏଲରେ କ୍ରିସ ଗେଲଙ୍କ ନାଁରେ ଥିବା ସର୍ବାଧିକ ଛକା ରେକର୍ଡକୁ ମଧ୍ୟ ସୂର୍ଯ୍ୟବଂଶୀ ଭାଙ୍ଗି ଦେଇଛନ୍ତି। ୨୦୨୬ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ୭୨ଟି ଛକା।

ଚଳିତ ବର୍ଷ ଜୁଲାଇ ମାସରେ ସୂର୍ଯ୍ୟବଂଶୀ ଭାରତର ସିନିୟର ଟିମ ପାଇଁ ଇଂଲଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ। ଏଥିସହ ସେ ସର୍ବକନିଷ୍ଠ ପୁରୁଷ ଖେଳାଳି ଭାବେ ଏପରି ସଫଳତା ପାଇଥିଲେ। ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ଥିଲା। ଏସବୁ ସଫଳତା ପରେ ଟାଇମ ମ୍ୟାଗାଜିନ ତାଙ୍କୁ ସ୍ଥାନ ମିଳିଛି।

ମ୍ୟାଗାଜିନରେ ସୂର୍ଯ୍ୟବଂଶୀ କେମିତି ଭାରତକୁ ଚଳିତ ବର୍ଷ ଅଣ୍ଡର ୧୯ ବିଶ୍ୱକପ ଭେଟି ଦେଇଥିଲେ, ସେକଥା ମଧ୍ୟ ଉଲ୍ଲେଖ କରିଛି। ଅଣ୍ଡର ୧୯ ବିଶ୍ୱକପରେ ସୂର୍ଯ୍ୟବଂଶୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ।

ଟାଇମର ୧୦୦ ନେକ୍ସଟ ଲିଷ୍ଟରେ ୭ ଆଥଲେଟଙ୍କ ମଧ୍ୟରୁ ସୂର୍ଯ୍ୟବଂଶୀ ଅନ୍ୟତମ। ତାଲିକାରେ ଆମେରିକାର ରଗବୀ ଖେଳାଳି ଆର୍‌ଚ ମାନିଙ୍ଗ, ଏନବିଏ ଷ୍ଟାର ଟୟରେସେ ମାକ୍‌ସେ, ଫୁଟବଲ ଖେଳାଳି ନାଓମି ଗିରମା, ଫ୍ଲୋରାରିନ ବାଲୋଗନ, ଟେନିସ ଖେଳାଳି ଆଲେକ୍ସଣ୍ଡ୍ରା ଇଲା ଓ ବାସ୍କେଟବଲ ଖେଳାଳି ଓଲିଭିଆ ମିଲ୍ ରହିଛନ୍ତି।

# କ୍ରିକେଟରେ ବଡ଼ ନିୟମ ପରିବର୍ତ୍ତନ

ନୂଆଦିଲ୍ଲୀ,୧।୧୦: କ୍ରିକେଟରେ ଆଉ କିଛି ନିୟମ ବଦଳିଛି। ଆଇସିସି ପକ୍ଷରୁ ଘୋଷଣା କରାଯାଇଥିବା ଏହି ନୂଆ ନିୟମଗୁଡ଼ିକ ଅକ୍ଟୋବର ୧ କିମ୍ବା ଏହା ପରେ ଆରମ୍ଭ ହେଉଥିବା ସମସ୍ତ ଅନ୍ତର୍ଜାତୀୟ ସିରିଜରେ ଲାଗୁ ହେବ। ରନଆଉଟ ଓ ଷ୍ଟମ୍ପିଂ ନିୟମଠାରୁ ଆରମ୍ଭ କରି ଟେଷ୍ଟ କ୍ରିକେଟରେ ପିଙ୍କ ବଲର ବ୍ୟବହାର, ଓଭରଥ୍ରୋ ଓ ବ୍ରେକ ପର୍ଯ୍ୟନ୍ତ ଅନେକ ନିୟମରେ ପରିବର୍ତ୍ତନ କରାଯାଇଛି।

ନୂଆ ନିୟମ ଅନୁସାରେ, ଉଇକେଟ୍ ଭାଙ୍ଗିବା ସମୟରେ କେବଳ ବଲ୍‌କୁ ଛୁଇଁଦେବା ଯଥେଷ୍ଟ ହେବ ନାହିଁ। ଷ୍ଟମ୍ପ୍‌ର ବେଲ୍ ଖସାଇବା ବେଳେ ବଲ ଉପରେ ଖେଳାଳିଙ୍କର ପୂରା ନିୟନ୍ତ୍ରଣ ଥିବା ଆବଶ୍ୟକ।

ଅର୍ଥାତ୍ ବଲ୍‌କୁ କେବଳ ହାତ କିମ୍ବା ଗ୍ଲୋଭ୍‌ରେ ଛୁଇଁଦେଇ ବେଲ ଖସାଇଲେ ତାହାକୁ ଉଇକେଟ୍ ଭାଙ୍ଗିବାର ବୈଧ ପ୍ରକ୍ରିୟା ଭାବେ ଧରାଯିବ ନାହିଁ। ବିଶେଷକରି ନନ-ଷ୍ଟ୍ରାଇକର୍ ଏଣ୍ଡ୍‌ରେ ବୋଲରଙ୍କ ହାତ କିମ୍ବା ଗୋଡ଼ରେ ବଲ ବାଜି ଉଇକେଟ୍‌ରେ ଲାଗିବା ଭଳି ଘଟଣାକୁ ନେଇ ଏହି ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ।

ନୂଆ ନିୟମ ଅନୁସାରେ, ବ୍ୟାଟର୍ସମାନେ ଜାଣିଶୁଣି ସମୟ ନଷ୍ଟ କଲେ ଦଣ୍ଡର ସାମ୍ନା କରିପାରନ୍ତି। ପ୍ରଥମ ଥର ପାଇଁ ଚେତାବନୀ ଦିଆଯିବ। ଦ୍ୱିତୀୟ ଥରରେ ଶେଷ ଚେତାବନୀ ଦିଆଯିବ। ଏହାପରେ ପ୍ରତ୍ୟେକ ଥର ନିୟମ ଉଲ୍ଲଂଘନ ପାଇଁ ଫିଲ୍ଡିଂ ଟିମକୁ ୫ ପେନାଲ୍ଟି ରନ ମିଳିବ।

ଉଭୟ ଟିମର ସହମତି ଥିଲେ ଦିନରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚରେ ମଧ୍ୟ ପରୀକ୍ଷାମୂଳକ ଭାବେ ପିଙ୍କ ବଲ ବ୍ୟବହାର କରାଯାଇପାରିବ। ଖରାପ ଆଲୋକ କାରଣରୁ ମ୍ୟାଚ ବାରମ୍ବାର ବନ୍ଦ ହେଉଥିବା ସମସ୍ୟାକୁ କମାଇବା ଏହାର ଉଦ୍ଦେଶ୍ୟ।ଟେଷ୍ଟ ମ୍ୟାଚର ଦିନର ଶେଷ ଓଭରରେ ଉଇକେଟ୍ ପଡ଼ିଲେ ମଧ୍ୟ ଖେଳ ତୁରନ୍ତ ଶେଷ ହେବ ନାହିଁ। ଓଭର ପୂରା ହୋଇନଥିଲେ ଏବଂ ପରିସ୍ଥିତି ଖେଳ ଜାରି ରଖିବା ପାଇଁ ଅନୁକୂଳ ଥିଲେ ବାକି ବଲଗୁଡ଼ିକ ସେହି ଦିନରେ ହିଁ ଖେଳାଯିବ।

ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ବ୍ୟବହୃତ ବଲର ଆକାର ଓ ଓଜନ ନେଇ ମଧ୍ୟ ନୂଆ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ପୁରୁଷ, ମହିଳା ଓ ଜୁନିୟର୍ କ୍ରିକେଟ ପାଇଁ ଏବେ ଅଲଗା ଅଲଗା ମାନକ ରହିବ।

କେବଳ ରନଆଉଟ ରୋକିବା ପାଇଁ ଷ୍ଟମ୍ପ ଆଡ଼କୁ କରାଯାଇଥିବା ଥ୍ରୋକୁ ଓଭରଥ୍ରୋ ଭାବେ ଗଣାଯିବ। ସାଧାରଣ ମିସ୍‌ଫିଲ୍ଡ କିମ୍ବା ଖେଳାଳିମାନେ ପରସ୍ପର ମଧ୍ୟରେ ବଲ ପାସ କରୁଥିବା ସମୟରେ ଘଟିଥିବା ଘଟଣାକୁ ଓଭରଥ୍ରୋ ଭାବେ ଧରାଯିବ ନାହିଁ।ବଲ ଫାଇନାଲ ଭାବେ ସେଟଲ ହୋଇଛି କି ନାହିଁ, ତାହା ପାଇଁ ବଲ ଉଇକେଟ୍ କିପର କିମ୍ବା ବୋଲରଙ୍କ ହାତରେ ରହିବା ଜରୁରୀ ନୁହେଁ। ପରିସ୍ଥିତିକୁ ଦେଖି ଅମ୍ପାୟାର ବଲ ସମ୍ପୂର୍ଣ୍ଣ ଡେଡ ହୋଇଛି କି ନାହିଁ, ତାହା ନିର୍ଣ୍ଣୟ କରିପାରିବେ। ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ନିର୍ଦ୍ଧାରିତ ଇଣ୍ଟରଭାଲ ୧୫ ମିନିଟ ରହିବ। ଆବଶ୍ୟକତା ଅନୁସାରେ ଏହାକୁ ୧୦ ମିନିଟ ପର୍ଯ୍ୟନ୍ତ କମାଇ ଦିଆଯାଇପାରିବ। ଦିନିକିଆ ଓ ଟି୨୦ର ପ୍ଲେଇଂ କଣ୍ଡିସନରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏବେ ଡ୍ରିଙ୍କ୍ସ ବ୍ରେକ ସମୟରେ ହେଡ କୋଚ ପଡ଼ିଆକୁ ଆସି ଖେଳାଳିଙ୍କ ସହ କଥା ହୋଇପାରିବେ। ତାଙ୍କ ପ୍ରତିନିଧି ମଧ୍ୟ ଖେଳାଳିଙ୍କ ସହ ଆଲୋଚନା କରିପାରିବେ। ଟ୍ରାଏଲ ଭାବେ ଲାଗୁ ହୋଇଥିବା ଲେଗ-ସାଇଡ ୱାଇଡ ନିୟମକୁ ଏବେ ସ୍ଥାୟୀ କରାଯାଇଛି। ଏହି ନିୟମ ଦିନିକିଆ ଓ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ଉଭୟରେ ଲାଗୁ ହେବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର